## ସ୍ନାନ କରିବାକୁ ଯିବା ବେଳେ ମୃତ୍ୟୁ ଆସିଲା

ବିନିକା,(ଡି.ଏନ୍.ଏ.): ବିନିକା ଏନ୍ଏସି ଗୁଲାପଡାର ଜଣେ ଯୁବକ ଗାଧୋଇବାକୁ ଯାଉଥିବା ବେଳେ ଝୁଣ୍ଟିପଡି ଅଚେତ ହୋଇଯାଇଥିଲେ। ତାଙ୍କୁ ବିନିକା ସିଏଚ୍‌ସିକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ ବିଜୟ ମହାନ୍ତି(୧୮)। ପୁଅର ଏଭଳି ଅସ୍ୱାଭାବିକ ମୃତ୍ୟୁକୁ ପରିବାର ଲୋକେ ବିଶ୍ୱାସ କରି ପାରୁନାହାନ୍ତି। ବିନିକା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି। ବିଜୟ ସିଦ୍ଧାର୍ଥ କଲେଜରେ ଯୁକ୍ତ ୨ ଅଧ୍ୟୟନ କରୁଥିଲେ।



# ଦୁର୍ବଳ ନଦୀବନ୍ଧ ସୁଦୃଢ଼ ନିର୍ଦ୍ଦେଶ

## ସମ୍ଭାବ୍ୟ ବନ୍ୟା, ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି

ସୋନପୁର,୧୬।୫(ନି.ପ୍ର.)


ସୁବର୍ଣ୍ଣପୁର ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା, ଏସ୍‌ପି ଓ ଅତିରିକ୍ତ ଜିଲାପାଳ ପ୍ରମୁଖ।

ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ସୁବର୍ଣ୍ଣପୁର ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ବୈଠକରେ ଅଧ୍ୟକ୍ଷତା କରି ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ଆଗୁଆ ପଦକ୍ଷେପ ନେବା ଓ ଏହାର ସୁପରିଚାଳନା ପାଇଁ ବିଭାଗୀୟ ଅଧିକାରୀ ତଥା କ୍ଷେତ୍ର କର୍ମଚାରୀମାନେ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ଜିଲାରେ ମହାନଦୀ, ତେଲନଦୀ, ଅଙ୍ଗନଦୀ, ସୁକତେଲ ନଦୀ ଓ ନିବୃତି ଯୋର ପ୍ରବାହିତ ହେଉଥିବାରୁ ମୁକୁଳା ପଡିଥିବା ଓ ଦୁର୍ବଳ ଥିବା ନଦୀ ବନ୍ଧଗୁଡିକୁ ସୁଦୃଢ କରିବାକୁ ତେଲ ଜଳସେଚନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲା ଜରୁରୀକାଳୀନ ଅଧିକାରୀ ଇପ୍‌ସିତା ମିଶ୍ର ଆଲୋଚ୍ୟ ବିଷୟ ବସ୍ତୁ ଉପସ୍ଥାପନ କରିଥିଲେ। ଏସ୍‌ପି ଅମରେଶ କୁମାର ପଣ୍ଡା ବୈଠକରେ ଯୋଗଦେଇ ଜନସାଧାରଣଙ୍କ ସୁବିଧା ସକାଶେ ଆସନ୍ତା ଜୁନ୍ ୧ରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ଜିଲା, ଉପଖଣ୍ଡ, ୬ଟି ବ୍ଲକ, ୬ଟି ତହସିଲ ଓ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ନିୟନ୍ତ୍ରଣ କକ୍ଷ ଖୋଲାଯିବା ନେଇ ସୂଚନା ଦେଇଥିଲେ। ଉପଜିଲାପାଳ ଓ ତହସିଲ କାର୍ଯ୍ୟାଳୟରେ ଆବଶ୍ୟକ ସଂଖ୍ୟକ ପଲିଥିନ ମହଜୁଦ୍ କରି ରଖିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଜିଲାରେ ଥିବା ପାୱାର ବୋଟ, ସରକାରୀ ଓ ବେସରକାରୀ ଡଙ୍ଗାଗୁଡିକର ସ୍ଥିତି ତଦାରଖ କରି ଆବଶ୍ୟକସ୍ଥଳେ ମରାମତି କରି ପ୍ରସ୍ତୁତ କରି ରଖିବାକୁ କୁହାଯାଇଥିଲା। ଦୁର୍ବଳ ନଦୀବନ୍ଧଗୁଡିକର ମରାମତି ପାଇଁ ବାଲିବସ୍ତା ମହଜୁଦ୍ କରି ରଖିବାକୁ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ପରିମାଣର ଔଷଧ, ହାଲେଜେନ ବଟିକା, ବ୍ଲିଚିଂ ପାଉଡର ମହଜୁଦ୍ ରଖିବା ଓ ପରିମଳ ବ୍ୟବସ୍ଥା ସୁଧାରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଆଗୁଆ ପଦକ୍ଷେପ ନେବା। ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ସମୟରେ ଗୋ ସମ୍ପଦର ସୁରକ୍ଷା, ଚାଷୀଙ୍କ ଫସଲର ସୁରକ୍ଷା, ବନ୍ୟା ପ୍ରବଣ ଅଞ୍ଚଳରେ ଚୂଡା, ଗୁଡ, ଚାଉଳ ଓ କିରୋସିନ ମହଜୁଦ୍ ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆ ଯାଇଥିଲା। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ତଥା ପରିମଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା, ପୌରାଞ୍ଚଳର ଡ୍ରେନ୍ ଗୁଡିକୁ ସଫା କରିବାକୁ କୁହାଯାଇଥିଲା। ଜିଲାରେ ଥିବା ୬ଗୋଟି ବାତ୍ୟା ଆଶ୍ରୟ ସ୍ଥଳୀ ଯେପରି ବନ୍ୟା ସମୟରେ ସମ୍ପୂର୍ଣ୍ଣ ଉପଯୋଗ ହୋଇପାରିବ ସେଥିପାଇଁ ସମ୍ପୃକ୍ତ ବିଡିଓ ଓ ପୌର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ସମୟରେ ନିରବିଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିବା ନେଇ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ୍, ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ସମସ୍ତ ବିଡିଓ, ତହସିଲଦାର, ଜଳସେଚନ ବିଭାଗର ଅଧିକାରୀ ଓ ଜିଲାସ୍ତରୀୟ ଅଧିକାରୀ ବୃନ୍ଦ ଯୋଗ ଦେଇଥିଲେ।

## ଡୁଙ୍ଗୁରିପାଲି ଆର୍‌ଏମ୍‌ସିରେ ଧାନମଣ୍ଡି ଉଦ୍‌ଘାଟିତ

### ପ୍ରଥମ ଦିନ ଉଠିଲା ୩୧,୪୪ କୁଇଣ୍ଟାଲ

ଡୁଙ୍ଗୁରିପାଲି, ୧୬।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଆରଏମସି ପରିସରରେ ରବିଋତୁ ଧାନ ସଂଗ୍ରହ ସୋମବାର ଉଦ୍‌ଘାଟିତ ହୋଇଛି। ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାସ ମୁଖ୍ୟଅତିଥିଭାବେ ଯୋଗଦେଇ ଧନକ୍ରୟ ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ। ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ସହକାରୀ ନିବନ୍ଧକ ସମବାୟ ସମିତି ଲଳିତ ମାଝି, ସହକାରୀ ଯୋଗାଣ ଅଧିକାରୀ ସୁବର୍ଣ୍ଣପୁର ସଦର ତ୍ରିନାଥ ଭୋଇ,ବୀରମହାରାଜପୁର ସହକାରୀ ଯୋଗାଣ ଅଧିକାରୀ ଲଳିତ ମୋହନ ପଟନାୟକ, ଜିଲା ପ୍ରକଳ୍ପ ସଂଯୋଜକ ମିଶନ ଶକ୍ତି କାର୍ତ୍ତିକ ନାଏକ, ଡୁଙ୍ଗୁରିପାଲି ବ୍ଲକ ଯୋଗାଣ ନିରୀକ୍ଷକ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଚାଷୀ ଧାର୍ଯ୍ୟ ସମୟରେ ଅମଳ ଧାନ କିପରି ବିକ୍ରି କରିପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଧାନ ସଂଗ୍ରହ କମିଟି ସଭ୍ୟ ଓ ସ୍ଥାନୀୟ ଚାଷୀମାନେ ଉପସ୍ଥିତ ଥିଲେ। ଆଜିଠାରୁ ବିଧିବଦ୍ଧ ଭାବେ ଚାଷୀଙ୍କ ଧାନକିଣା ଆରମ୍ଭ ହୋଇଛି। ଡୁଙ୍ଗୁରିପାଲି ପାକ୍ସରୁ ପ୍ରଥମ ଚାଷୀଭାବେ ସୁଜାତା ଦଣ୍ଡସେନା ଆଣିଥିବା ୬୬ ପ୍ୟାକେଟ(୩୧,୪୪ କୁଇଣ୍ଟାଲ) ଧାନ ଉଠିଥିଲା। ଉଦ୍‌ଘାଟନ ବେଳେ ମିଲର୍ସ ମନୋଜ କୁମାର ପଧାନ, ଆରଏମସି ହିସାବରକ୍ଷକ ଶାନ୍ତନୁ ମେହେର, ଡୁଙ୍ଗୁରିପାଲି ପାକ୍ସ ସମ୍ପାଦକ ରବୀନ୍ଦ୍ର ବିଶ୍ୱାଳ, ଦିଗଶିର ପାକ୍ସ ସମ୍ପାଦକ ସୂର୍ଯ୍ୟନାରାୟଣ ହୋତା, ନୀତେଇ ପଣ୍ଡା, ଦାଶରଥି ବିଶ୍ୱାଳ, ଆଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଡୁଙ୍ଗୁରିପାଲି ଆରଏମସି ସମ୍ପାଦକ ଉଦିତ କୁମାର ବାବୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଡୁଙ୍ଗୁରିପାଲି ଆର୍‌ଏମ୍‌ସି ପରିସରରେ ରବିଋତୁ ଧାନ ସଂଗ୍ରହ ପାଇଁ ପୂଜାର୍ଚ୍ଚନା କରାଯାଉଛି।

## ସଂକ୍ଷେପରେ

### ଜଳିଗଲା କପଡ଼ା ଦୋକାନ



ବଲାଙ୍ଗୀର ଅଫିସ, ୧୬।୫: ବଲାଙ୍ଗୀର ସହର ରାମଜୀ ଗଳି ଠାରେ ଥିବା ସରଗମ୍ କପଡା ଦୋକାନରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଜଳିଯାଇଛି। ରବିବାର ରାତିରେ ସ୍ଥାନୀୟ ଲୋକେ ଦୋକାନରେ ନିଆଁ ଲାଗିଥିବା ଜାଣିବାକୁ ପାଇଥିଲେ। ଏହାପରେ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ସେତେବେଳକୁ ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ଲୁଗାପଟା, ଆସବାବପତ୍ର ଜଳିପୋଡି ଯାଇଥିଲା। ସର୍ଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଏହି ଦୋକାନ ଗଳିରେ ପୂର୍ବରୁ ମଧ ଅଗ୍ନିକାଣ୍ଡ ଘଟିଥିବାରୁ ସ୍ଥାନୀୟ ଲୋକେ ବିଦ୍ୟୁତ୍ ବିଭାଗର ଅବହେଳାକୁ ମଧ ଦାୟୀ କରିଛନ୍ତି। ଦୋକାନ ମାଲିକ ବିକ୍ରମ ମେହେରଙ୍କ କହିବା ମୁତାବକ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ସୂଚନା ଦେଇଛନ୍ତି। ସୋମବାର ସକାଳେ ଦୋକାନରୁ ଜଳିପୋଡି ଯାଇଥିବା ଲୁଗାପଟା ଓ ଅନ୍ୟାନ୍ୟ ସାମଗ୍ରୀ ବାହାର କରାଯାଇଥିଲା।

### ଅଘୋଷିତ ବିଦ୍ୟୁତ୍ କାଟ୍, ଜନଜୀବନ ଅସ୍ତବ୍ୟସ୍ତ

ଲାଠୋର, ୧୬।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲାଠୋର ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ପ୍ରବଳ ଗ୍ରୀଷ୍ମପ୍ରବାହକୁ ଆଖିରେ ରଖି ରାଜ୍ୟ ସରକାର ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ବିତରକ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ବିଜୁଳି କାଟ୍‌ରେ ବିରାମ ଲାଗୁନାହିଁ। ତାପମାତ୍ରା ୪୩ରୁ ୪୫ଡ଼ିଗ୍ରୀ ସେଲସିୟସ ରହୁଥିବା ବେଳେ ବିଜୁଳି କାଟ୍ ଯୋଗୁ ଫ୍ୟାନ, କୁଲର ଆଦି ନ ଚାଲି ପାରୁନାହିଁ। ଫଳରେ ପ୍ରବଳ ତାତିରେ ଲୋକେ ଆଉଟପାଉଟୁ ହେଉଛନ୍ତି। ରବିବାର ଦିନ ପ୍ରାୟ ଗୋଟାଏରୁ ଅପରାହ୍ନ ଚାରିଟା ପର୍ଯ୍ୟନ୍ତ ଲାଠୋରରେ ବିଦ୍ୟୁତ କାଟ୍ ହୋଇଥିଲା। ସ୍ଥାନୀୟ ବିଦ୍ୟୁତ୍ ଅଧିକାରୀଙ୍କୁ ଫୋନ କଲେ ମୋବାଇଲ ଫୋନ ସୁଇଚ ଅଫ ଥିବା ଲୋକ ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ ଯୋଗାଣ କମ୍ପାନୀର ଏପରି ମନୋଭାବ ସାଧାରଣ ଲୋକଙ୍କୁ ପ୍ରତିକ୍ରିୟାଶୀଳ କରୁଛି।

### ବନ ବିଭାଗ ଚଢ଼ାଉ: ଶାଗୁଆନ ପଟ୍ଟା ଜବତ



ଦେଓଗାଁ, ୧୬।୫(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଇଁତଲା ରେଞ୍ଜ ଅନ୍ତର୍ଗତ ଗଏଲପିଟା ଗ୍ରାମରେ ବନ ବିଭାଗ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ଶାଗୁଆନ ପଟ୍ଟା ଜବତ କରିଛି। ଫରେଷ୍ଟର ସୁଶୀଲ ପୁଟା ଓ ପାରାଷ୍ଟାଫଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ଗଏଲପିଟା ଗ୍ରାମ ନିକଟସ୍ଥ ଏକ ଚାଷଜମିରୁ ୫୪ ସିଫଟ ଶାଗୁଆନ ପଟ୍ଟା, ୨ଟି ପଲଙ୍କ ଓ ୨ଟି ଅର୍ଦ୍ଧନିର୍ମିତ ପଲଙ୍କ ଜବତ ହୋଇଥିଲା। ଜବତ ପଟ୍ଟା ଓ ସାମଗ୍ରୀ ମୂଲ୍ୟ ପ୍ରାୟ ଦେଢ଼ଲକ୍ଷ ହେବ ବୋଲି ।

### ଲୁଟ୍ ମାମଲା: ଧରାପଡ଼ିଲେ ୩ ଅଭିଯୁକ୍ତ

#### ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ନାବାଳକ

ଦେଓଗାଁ, ୧୬।୫(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କୁଠୁର୍ଲା ନିକଟରେ ଏକ ଲୁଟ୍ ମାମଲାର ଅଭିଯୁକ୍ତମାନଙ୍କୁ ଗିରଫ କରିଛି ପୋଲିସ। ସୋମବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ପ୍ରତାପସାଗର ପଡାର ଦୀପକ ଗୁପ୍ତା, ବରପାଲିପଡାର ଶମ୍ଭୁ ସେଠ ଏବଂ ଅନ୍ୟଜଣେ ନାବାଳକ। ସୂଚନାମତେ ଗତ ୩ ତାରିଖରେ ପାଟଣାଗଡରୁ ବୋଲେରୋ ପିକଅପରେ ଗଣେଷ ଶବର ଓ ରୋହିତ ମାହାକୁର ଗୁଣପୁରକୁ ମାଛ ଆଣିବାକୁ ଯାଉଥିଲେ। ରାତି ପ୍ରାୟ ୨ଟାରେ ଅଭିଯୁକ୍ତମାନେ ପିକଅପ ଅଟକାଇ ମୋବାଇଲ ଓ ଏଟିଏମ କାର୍ଡ ଲୁଟିନେଇ ପଳାଇଥିଲେ। ଗଣେଷ ଶବରଙ୍କ ଅଭିଯୋଗକୁ ଭିତ୍ତିକରି ଦେଓଗାଁ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ୨ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ବେଳେ ନାବାଳକ ଅଭିଯୁକ୍ତଙ୍କୁ ଭବାନୀପାଟଣା ଜୁଭେନାଲ ବୋର୍ଡକୁ ପଠାଇ ଦିଆଯାଇଛି ବୋଲି ଥାନାଧିକାରୀ ବାମଦେବ ଶଙ୍ଖୁଆଳ ସୂଚନା ଦୋଇଛନ୍ତି।

## ସମୃଦ୍ଧ ସମାଜ ପାଇଁ ପ୍ରାଥମିକ ଶିକ୍ଷାର ଗୁରୁତ୍ୱ ବେଶି


ରୁଗୁଡିପଡା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

### ରୁଗୁଡ଼ିପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବଲାଙ୍ଗୀର ଅଫିସ, ୧୬।୫

ବଲାଙ୍ଗୀର ସହର ରୁଗୁଡିପଡାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥିଭାବେ ପୂର୍ବତନ ପ୍ରଧାନଶିକ୍ଷକ ନବୀନ ନାଏକ ଯୋଗଦେଇଥିଲେ। ସ୍କୁଲ ଶିକ୍ଷାର ଗୁରୁତ୍ୱ ଉପରେ ମୁଖ୍ୟଅତିଥି ନାଏକ କହିଥିଲେ। ସମୃଦ୍ଧ ସମାଜ ନିର୍ମାଣ ପାଇଁ ପ୍ରାଥମିକ ସ୍କୁଲସ୍ତରରୁ ଉତ୍ତମ ଶିକ୍ଷା ପରିବେଶର ଆବଶ୍ୟକତା ଉପରେ ନାଏକ ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ମନ୍ଦାକିନୀ ଯୋଷୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ର ହିଁ ଦେଶର ଭବିଷ୍ୟତ। ଏଣୁ ସେମାନଙ୍କୁ ନିର୍ମାଣ କରିବା ହିଁ ସମୟର ଆହ୍ୱାନ ବୋଲି କହିଥିଲେ। ଅତିଥି ଭାବେ ମିଝିରାଣୀ ନନ୍ଦ, ସ୍ଥାନୀୟ କାଉନସିଲର ହରିଶଙ୍କର ଛତ୍ରିଆ ଓ ଶାନ୍ତି ବାଦଲ ମଞ୍ଚାସୀନ ଥିଲେ। ବାର୍ଷିକ ଉତ୍ସବ ଆୟୋଜନ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ୬୦ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ସ୍କୁଲର ବିଭିନ୍ନ ଯୋଜନା ପ୍ରସ୍ତୁତି କରାଯିବା ସହ ଛାତ୍ରୀଛାତ୍ରୀ ଯେଭଳି ଉପକୃତ ହେବେ ସେଦିଗରେ ପଦକ୍ଷେପ ନିଆଯିବ ବୋଲି ଆଲୋଚନା ହୋଇଥିଲା। ଶିକ୍ଷୟିତ୍ରୀ ସାରଦା ପଟ୍ଟନାୟକ, କଲ୍ୟାଣୀ ପାଣିଗ୍ରାହୀ, ସୁଦା ମିଶ୍ର ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ ବହୁ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ।

## ସ୍ତ୍ରୀ ହତ୍ୟାକାରୀ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡାଦେଶ

ବୌଦ୍ଧ/କନ୍ଧମାଳ,୧୬/୫ (ସ୍ୱ.ପ୍ର./ଡି.ଏନ.ଏ.)

କନ୍ଧମାଳ ଅତିରିକ୍ତ ଜିଲା ଦୌରାଜଜ୍ ଶିବ ପ୍ରସାଦ ମହାପାତ୍ର ସୋମବାର ଏକ ସ୍ତ୍ରୀ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ, ବୌଦ୍ଧ ବ୍ଲକ ରକ୍ସା ଗ୍ରାମର ଦ୍ୱାରୁ ମେହେରଙ୍କ ଝିଅ କବିତା ବରଗଡସ୍ଥିତ ନେହୁରନଗରର ବଳରାମ ମେହେରଙ୍କୁ ୨୦୧୯ ମସିହାରେ ବିବାହ କରିଥିଲେ। ବିବାହ ପରେ ଶାଶୁଘର ଲୋକେ କବିତାଙ୍କୁ ଯୌତୁକ ନିର୍ଯାତନା ଦେବାରୁ ସେ ନିଜ ବାପଘର ଗ୍ରାମ ରକ୍ସାକୁ ଆସି ରହୁଥିଲେ। କବିତାଙ୍କ ସହିତ ସ୍ୱାମୀ ବଳରାମ ମଧ ଆସି ରକ୍ସାରେ ରହୁଥିଲେ। ସେଠାରେ ବଳରାମ ଛୋଟ ଛୋଟ କଥାକୁ ନେଇ ସ୍ତ୍ରୀଙ୍କୁ ମାଡ ମାରୁଥିଲେ। କବିତା ୯ ମାସର ଗର୍ଭବତୀ ଥିବା ବେଳେ ୨୦୨୦ ମେ ମାସ ୨୪ ତାରିଖରେ ସ୍ୱାମୀ ବଳରାମ କୌଣସି କାରଣରୁ ତାଙ୍କୁ ଶୋଇବା ଘରେ ଶ୍ୱାସରୁଦ୍ଧ କରି ମାରି ଦେଇଥିଲେ। ଦ୍ୱାରୁ ଝିଅକୁ ହତ୍ୟା କରାଯିବା ନେଇ ମନମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାରେ ଥାନା କେଶ ନଂ ୮୦/୨୦ରେ ଏକ ଯୌତୁକଜନିତ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ମାମଲାଟି କନ୍ଧମାଳ ଅତିରିକ୍ତ ଜିଲା ଦୌରଜଜ୍‌ଙ୍କ ଅଦାଲତରେ (ଏସଟି ୩୯/୨୦ ) ବିଚାର ହୋଇଥିଲା। ଅତିରିକ୍ତ ଜିଲା ଦୌରାଜଜ୍ ମହାପାତ୍ର ୧୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଭିଯୁକ୍ତ ସ୍ୱାମୀ ବଳରାମଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ମାମଲାକୁ ସରକାରୀ ଓକିଲ ଦୁତିଆ ଚରଣ ସାହୁ ପରିଚାଳନା କରୁଥିଲେ।

**MILK UNION SAMBALPUR**
**VEHICLE REQUIRED ON HIRE**
1.TATA ACE or similar type of vehicle required on hire for Khuntbandh Milk route running both morning & evening covering 160 K.M
2.TATA ACE or similar type of vehicle required on hire for Sonepur- Birmaharajpur Milk route running both morning & evening covering 154 K.M
Interested Parties may purchase and submit Tenders by 25.05.2022,
Tender Paper Cost- **Rs. 200/- + GST, EMD- Rs. 2,000/-**

## ମାଛଧରା ଜାଲରେ ନବଜାତକ ଶିଶୁର ମୃତଦେହ

କୋକସରା,୧୬।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ କୁସୁମଖୁଣ୍ଟି ନିକଟସ୍ଥ ଇନ୍ଦ୍ରାବତୀ ବାମ କେନାଲରୁ ନବଜାତକ ଶିଶୁର ମୃତଦେହ ଠାବ ହୋଇଛି। ସୋମବାର ମଧ୍ୟାହ୍ନରେ କୁସୁମଖୁଣ୍ଟି ଗ୍ରାମର କେତେଜଣ ଲୋକ କେନାଲରେ ଜାଲ ପକାଇ ମାଛ ଧରୁଥିଲେ। ମାଛଧରା ଜାଲରେ ଏକ ନବଜାତକ ଶିଶୁପୁତ୍ରର ମୃତଦେହ ପଡ଼ିଥିଲା। ଶିଶୁକୁ କେହି ଫିଙ୍ଗି ଦେଇଛନ୍ତି, ତାହା ଜଣାପଡ଼ି ନ ଥିବା ବେଳେ ଅବାଞ୍ଛିତ ପ୍ରେମ ସମ୍ପର୍କ କିମ୍ବା କୁମାରୀ ମାତୃତ୍ୱ ଲୋକଲଜ୍ଜ୍ୟା ଭୟରେ କେହି ଯୁବତୀ, ମହିଳା କିମ୍ବା ତାଙ୍କ ସମ୍ପର୍କୀୟ ନବଜାତକକୁ ଫିଙ୍ଗି ଦେଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଘଟଣାକୁ ନେଇ ମୋଟେର ଫାଣ୍ଡି ଅଧିକାରୀ ଅଜୟ ନାଏକଙ୍କୁ ପଚାରିବାରୁ ଆମ ପାଖରେ କିଛି ଖବର ନାହିଁ ବୋଲି କହିଛନ୍ତି।

## କୁକେତିରାରେ ଭୀମ ଭୋଇ ଜୟନ୍ତୀ

କାମଟିକ୍ରା, ୧୬।୫(ଡି.ଏନ.ଏ)

ଅତାବିରା ବ୍ଲକ ଅଧୀନ କୁକେତିରା ବାବା ମଠରେ ସୋମବାର ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ପାଳିତ ହୋଇଛି। ପ୍ରଥମେ ଭୀମ ଭୋଇଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସଭା ହୋଇଥିଲା। ଆଶିଷ ହୋତା ଏଥିରେ ସଭାପତିତ୍ୱ କରିଥିଲେ। ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ ମୁଖ୍ୟ ଅତିଥି, କୁନୁ ବିଶ୍ୱାଳ, ନରେଶ ବାବା, ହରି ବାବା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୀମ ଭୋଇଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବାବା ମଠର ମୁଖ୍ୟ ଶିଆମ ଦାସ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଏହି ଅବସରରେ ବନହର ଓ ପଧାନପାଲିର ସଂକୀର୍ତ୍ତନ ପରିବେଷିତ ହୋଇଥିଲା।

## ଗ୍ୟାସ୍ ଦରବୃଦ୍ଧି: ଜାଳେଣି କାଠ ଚାହିଦା ବଢ଼ୁଛି

ପଦ୍ମପୁର,୧୬।୫(ଡି.ଏନ.ଏ)

ପରିବେଶ ସୁରକ୍ଷା ସହିତ ଜଙ୍ଗଲ କ୍ଷୟ ରୋକିବା ପାଇଁ କେନ୍ଦ୍ର ସରକାରଙ୍କ ଉଜ୍ୱଳା ଯୋଜନାରେ ପ୍ରତି ଗରିବ ପରିବାରଙ୍କୁ ରନ୍ଧନ ଗ୍ୟାସ୍ ଯୋଗାଇ ଦିଆଯାଇଥିଲା। ତେବେ ଦିନକୁ ଦିନ ଗ୍ୟାସ୍ ଦର ବୃଦ୍ଧି ପାଇବା ପରେ ଗରିବ, ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ଗ୍ୟାସ୍ କିଣିବା ପାଇଁ ଅସମର୍ଥ ହୋଇଛନ୍ତି। ଫଳରେ ସେମାନେ ପୁଣିଥରେ କାଠ ଚୁଲିକୁ ଫେରିଛନ୍ତି। ସେମାନେ ଜାଳେଣି କାଠ ଉପରେ ନିର୍ଭର କରିଛନ୍ତି। ବର୍ତ୍ତମାନ ବରଗଡ଼ ଜିଲା ପଦ୍ମପୁର ସହରକୁ ପ୍ରତିଦିନ ବିଭିନ୍ନ ଯାନବାହନରେ ବିଡା ବିଡା କାଠ ବିକ୍ରି ପାଇଁ ଆସୁଛି। କେତେକ ଅସାଧୁ ବ୍ୟବସାୟୀ ଏହାର ସୁଯୋଗ ନେଇ ଜଙ୍ଗଲ କାଟୁଥିବା ଅଭିଯୋଗ ହେଉଛି। ଜାଳେଣି ଗ୍ୟାସ୍ ବୃଦ୍ଧି ସମ୍ପର୍କରେ ଜଣେ ଡିଲରଙ୍କୁ ପଚାରିବାରୁ ସେ କହିଛନ୍ତି, ଦର ବୃଦ୍ଧି ପରେ ଉଜ୍ୱଳା ଯୋଜନାରେ ସାମିଲ ଥିବା ପ୍ରାୟ ୪୦ ପ୍ରତିଶତ ଉପଭୋକ୍ତା ଗ୍ୟାସ୍ ନେଉନାହାନ୍ତି। ସେହିପରି ସହରର ଅନେକ ଜଳଖିଆ ଦୋକାନୀ ମଧ ଗ୍ୟାସ୍ ଉପରେ ନିର୍ଭର ନ କରି କାଠ ବ୍ୟବହାର କରୁଛନ୍ତି। ଏହାଦ୍ୱାରା କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ବିକ୍ରି ମଧ କମିଯାଇଛି ।


ପଦ୍ମପୁର ସହରରେ ବିଡା ବିଡା କାଠ ବିକ୍ରି କରାଯାଉଛି।

## ସମସ୍ତ ପ୍ରବେଶ ପଥରେ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ସ୍ଥାପନ

### ବୌଦ୍ଧ ଜିଲାରେ ପାଳିତ ହେଲା ବୁଦ୍ଧ ଜୟନ୍ତୀ

ବୌଦ୍ଧ,୧୬।୫ (ସ୍ୱ.ପ୍ର.)


ମନମୁଣ୍ଡାଠାରେ ସ୍ଥାପିତ ବୁଦ୍ଧ ପ୍ରତିମୂର୍ତ୍ତି।

ଭଗବାନ ବୁଦ୍ଧଙ୍କ ନାମରେ ନାମିତ ବୌଦ୍ଧ ଜିଲାରେ ସୋମବାର ଦିନ ମହାସମାରୋହରେ ପାଳିତ ହୋଇଛି ବୁଦ୍ଧ ଜୟନ୍ତୀ। ଏହି ଅବସରରେ ସହରର ରାଜବାଟୀସ୍ଥିତ ବୁଦ୍ଧ ମନ୍ଦିରଠାରେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ଓ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଜିଲାର ସମସ୍ତ ପ୍ରବେଶ ପଥରେ ଭଗବାନ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ପୂର୍ବାହ୍ନ ଜିଲାର ମାଧପୁରଠାରେ ବିଧାୟକ ଅମାତ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିବା ବେଳେ ସନ୍ଧ୍ୟାରେ ମନମୁଣ୍ଡାଠାରେ କନ୍ଧମାଳ ବିଧାୟକ ମହୀଧର ରଣା ମନମୁଣ୍ଡା ଠାରେ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଏହି ବୁଦ୍ଧ ପ୍ରତିମୂର୍ତ୍ତିଗୁଡିକର ଉଚ୍ଚତା ୧୫ ଫୁଟ ରହିଛି। ବୁଦ୍ଧଙ୍କ ପ୍ରତିମୂର୍ତ୍ତି ଥିବା ହରଭଙ୍ଗା ବ୍ଲକ ଅଧୀନ ଜଗନ୍ନାଥ ପ୍ରସାଦପୁର ଓ ଶ୍ୟାମସୁନ୍ଦରପୁର ଠାରେ ମଧ ଜୟନ୍ତୀ ଉତ୍ସବ ଧୁମଧାମରେ ପାଳନ କରାଯାଇଛି। ରାତିରେ ସହରର ମୁଖ୍ୟ ବାଘଗୁଡା ଛକଠାରେ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ବିଧାୟକ ଅମାତଙ୍କ ଦ୍ୱାରା ଅନାବରଣ କରାଯାଇଛି। ଏହାପରେ ଗାନ୍ଧିଜୀଙ୍କ ଓଡିଶା ଆଗମନର ସ୍ମୃତି ଉଦେଶ୍ୟରେ ହାତୀଶାଳ ଛକଠାରେ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଏହି ଅବସରରେ ବୁଦ୍ଧ କମିଟି ପକ୍ଷରୁ ରାଜବାଟିସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଅତିଥି ଭାବେ ବିଧାୟକ ଓ ଜିଲାପାଳ ଯୋଗଦେଇ ଭଗବାନ ବୁଦ୍ଧଙ୍କ ଉପରେ ଆଲୋକପାତ କରିଥିଲେ। ବୁଦ୍ଧ ଜୟନ୍ତୀ ପାଇଁ ସାରା ଜିଲା ଉତ୍ସବମୁଖର ହୋଇ ପଡିଥିଲା।

ପ୍ରକାଶ ଥାଉ କି , ପୂର୍ବାହ୍ନରେ ବଲାସିଙ୍ଗାସ୍ଥିତ ମହୁଲମୂଳଠାରେ ଭୀମଭୋଇଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଉତ୍ସବରେ ବିଧାୟକ ଓ ଜିଲାପାଳ ଯୋଗ ଦେଇଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଆୟୋଜିତ ସନ୍ଥକବି ଭୀମଭୋଇ ଜୟନ୍ତୀ ତଥା ବକ୍ତୃତାମାଳା, ଅମୃତ ବିହାର ପରିସରସ୍ଥ ସଭା ପ୍ରକୋଷ୍ଠ-୧, ପୂର୍ବାହ୍ନ ୯ଟା ।

## ସଂକ୍ଷେପରେ

### ରାଜସ୍ଥାନର ମହିଳା ରାଉରକେଲାରେ ନିଖୋଜ

**ରାଉରକେଲା ଅଫିସ,୧୬।୫:** ରାଜସ୍ଥାନରୁ ଟ୍ରେନ୍ ଯୋଗେ ଆସୁଥିବା ଜଣେ ମହିଳା ରାଉରକେଲାରେ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ଆରପିଏଫ ପୋଲିସ ଘଟଣାର ତଦନ୍ତ କରୁଛି। ରାଜସ୍ଥାନ ଧୌଲପୁର ଅଞ୍ଚଳର ଗୀତା ଦେବୀ(୩୬) ଶନିବାର ହରିଦ୍ୱାର-ପୁରୀ ଉତ୍କଳ ଏକ୍ସପ୍ରେସ ଯୋଗେ ରାଜସ୍ଥାନରୁ ରାଉରକେଲା ଅଭିମୁଖେ ଆସିଥିଲେ। ସେ ରବିବାର ଅପରାହ୍ନ ୫ଟାରେ ରାଉରକେଲା ରେଳ ଷ୍ଟେଶନରେ ପହଞ୍ଚିବା ପରେ ବାପଘର ଗ୍ରାମକୁ ଯିବା ପାଇଁ ବସ୍ ଧରିବାକୁ ଯାଇଥିଲେ। ଏହି ସମୟରେ ସେ ନିଖୋଜ ହୋଇ ଯାଇଥିଲେ। ଗୋଟିଏ ଦିନ ପରେ ଗୀତା ଘରେ ପହଞ୍ଚି ନ ଥିବାରୁ ବାପ ଶ୍ୟାମସୁନ୍ଦର କେଶରୀ ରାଉରକେଲା ଆସି ଖୋଜାଖୋଜି କରିଥିଲେ। ଝିଅକୁ ନ ପାଇବାରୁ ସେ ଆରପିଏଫ ଥାନାରେ ଅଭିଯୋଗ କରିଥିଲେ। ନିଖୋଜ ମହିଳାଙ୍କ ସହ ତାଙ୍କର ୮ବର୍ଷର ଝିଅ ଥିବା ଜଣାପଡ଼ିଛି।

### ଯୁବତୀଙ୍କୁ ଅସଦାଚରଣ: ଯୁବକ ଗିରଫ

**ରାଉରକେଲା ଅଫିସ,୧୬।୫:** ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଖଲିକୋଟ ଅଞ୍ଚଳର ରାଜେନ୍ଦ୍ର ଦାସ(୩୦)। ତାଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୯୬।୨୨) ରୁଜୁ କରିଛି। ଗତ ୫ ବର୍ଷ ତଳେ ରାଜେନ୍ଦ୍ର ଓ ଉକ୍ତ ଯୁବତୀଙ୍କ ମଧ୍ୟରେ ଫେସବୁକ୍‌ରେ ପ୍ରେମ ସମ୍ପର୍କ ଗଢିଉଠିଥିଲା। କରି ବସିଥିଲେ। ଏହି ସମୟ ମଧ୍ୟରେ ରାଜେନ୍ଦ୍ର ଯୁବତୀ ଜଣଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଗତ ଏପ୍ରିଲ ୨୮ରେ ଯୁବତୀ ଜଣଙ୍କ ରାଜେନ୍ଦ୍ରଙ୍କୁ ବିବାହ ପାଇଁ ଜିଦ୍ କରିବାରୁ ଯୁବକ ଜଣଙ୍କ ଫେରାର ହୋଇ ଯାଇଥିଲେ। ଏ ନେଇ ଯୁବତୀ ଜଣଙ୍କ ଗତ ୧୩ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଖଲିକୋଟ୍‌ରୁ ଗିରଫ କରିଥିଲା।

### ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ: ଯୁବକ ଗିରଫ

**ରାଉରକେଲା ଅଫିସ,୧୬।୫:** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ବ୍ରାହ୍ମଣୀତରଙ୍ଗ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଞ୍ଜୁଟୋଲା ବସ୍ତିର ବୁଦ୍ଧିଲାଲ ଖାଲକୋ(୨୫)। ପୋଲିସ ଏ ନେଇ ଏକ ମାମଲା (ନଂ.୯୮।୨୨) ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରିଛି। ଗତ ୮ ତାରିଖରେ ଗଞ୍ଜୁଟୋଲା ବସ୍ତିର ସୁଦନ ଲୋହାର ଓ ବୁଦ୍ଧିଲାଲ ଏକ ପଡ଼ିଆକୁ ଯାଇଥିଲେ। ସେଠାରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ବୁଦ୍ଧିଲାଲ ଏକ କାଠଫାଳିଆରେ ସୁଦନଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ସୁଦନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ଏ ନେଇ ଗତ ୧୫ ତାରିଖରେ ସୁଦନଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

### ବନ ବିଭାଗ ଚଢ଼ାଉ: ଶାଗୁଆନ ପଟ୍ଟା ଜବତ



**ଦେଓଗାଁ, ୧୬।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଇଁତଳା ରେଞ୍ଜ ଅନ୍ତର୍ଗତ ଗଏଲପିଟା ଗ୍ରାମରେ ବନ ବିଭାଗ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ଶାଗୁଆନ ପଟ୍ଟା ଜବତ କରିଛି। ଫରେଷ୍ଟର ସୁଶୀଲ ପୁଟା ଓ ପାରାଷ୍ଟାଫଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ଗଏଲପିଟା ଗ୍ରାମ ନିକଟସ୍ଥ ଏକ ଚାଷଜମିରୁ ୫୪ ସିଫଟ ଶାଗୁଆନ ପଟ୍ଟା, ୨ଟି ପଲଙ୍କ ଓ ୨ଟି ଅର୍ଦ୍ଧନିର୍ମିତ ପଲଙ୍କ ଜବତ ହୋଇଥିଲା। ଜବତ ପଟ୍ଟା ଓ ସାମଗ୍ରୀ ମୂଲ୍ୟ ପ୍ରାୟ ଦେଢ଼ଲକ୍ଷ ହେବ ବୋଲି ।

# ଦେଢ଼ କୋଟି ଖର୍ଚ୍ଚ : କାମରେ ଆସୁନି କଲ୍ୟାଣ ମଣ୍ଡପ

- ପାଣି, ବିଜୁଳି ସମସ୍ୟା, ରାଜସ୍ୱ ହାନି
- ଟାଟା ପାୱାରକୁ ଚିଠି ଲେଖିଛି ଏସ୍ଏମସି

**ସମ୍ବଲପୁର,୧୬।୫(ବ୍ୟୁରୋ)**

ସବୁ ବର୍ଗର ଲୋକ ସୁଲଭ ମୂଲ୍ୟରେ ବିବାହ, ବ୍ରତ ଭଳି ସାମାଜିକ ଓ ମାଙ୍ଗଳିକ କାର୍ଯ୍ୟ କରି ପାରିବେ । ଏହାସହ ସରକାରୀ ଓ ଘରୋଇ ସଂସ୍ଥାଗୁଡିକ ବିଭିନ୍ନ ବୈଠକ, ସଭା ସମିତି କରିବାର ସୁବିଧା ପାଇଁ ସରକାର ସମ୍ବଲପୁର ଜିଲାର ବିଭିନ୍ନ ୱାର୍ଡରେ କଲ୍ୟାଣ ମଣ୍ଡପ ନିର୍ମାଣ କରୁଛନ୍ତି । ଏଥିପାଇଁ ବିପୁଳ ଅର୍ଥ ବ୍ୟୟ କରାଯାଉଛି । ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ କାମ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ । କେତେକ ସ୍ଥାନରେ କଲ୍ୟାଣ ମଣ୍ଡପ ବ୍ୟବହାର ଉପଯୋଗୀ ହୋଇ ପାରୁନାହିଁ । ମହାନଗର ନିଗମ ୪୦ ନମ୍ବର ୱାର୍ଡ ରାସନପୁର କଲ୍ୟାଣମଣ୍ଡପ ପାଣି ଓ ବିଦ୍ୟୁତ୍ ସମସ୍ୟା ଯୋଗୁ କାମରେ ଆସି ପାରୁନାହିଁ । ମହାନଗର ନିଗମ ପକ୍ଷରୁ ଟାଟା ପାୱାରକୁ ବିଦ୍ୟୁତ ସଂଯୋଗ କରିବା ପାଇଁ ବାରମ୍ବାର ଚିଠି କରାଯାଇଛି । ହେଲେ ଟାଟା ପାୱାର କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ ବୋଲି କୁହାଯାଉଛି। ଅନ୍ୟପଟେ ପାଣି ପାଇଁ ମଧ୍ୟ ସ୍ଥାୟୀ ସମାଧାନ କରାଯାଉ ନାହିଁ । ଫଳରେ ପ୍ରାୟ ଦେଢ କୋଟି ଟଙ୍କା ଖର୍ଚ୍ଚ ହେବା ପରେ ବି କଲ୍ୟାଣମଣ୍ଡପ କାହା କାମରେ ଆସୁନାହିଁ । ଏବେ କଲ୍ୟାଣମଣ୍ଡପ ପରିସର ଅନାବନା ଲଟାବୁଦାରେ ପରିପୂର୍ଣ୍ଣ ହୋଇଯାଇଛି। ସଫା ସୁତୁରା ନ ହେବାରୁ ସରୀସୃପଙ୍କ ଆଶ୍ରୟସ୍ଥଳ ପାଲଟି ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି । ଏସଏମସି ପକ୍ଷରୁ କେତେକ ସମୟରେ ବୈଠକ କରାଯାଉଛି। ହେଲେ ବିବାହ ଓ ଅନ୍ୟ କାର୍ଯ୍ୟ ପାଇଁ ସୁବିଧା ହୋଇ ପାରୁନାହିଁ । ଲୋକମାନେ ଭଡା ନେବା ପାଇଁ ଅମଙ୍ଗ ହେଉଛନ୍ତି । ଅପରପକ୍ଷରେ ଏସଏମସିର



ସମ୍ବଲପୁର ଏସଏମସି ରାସନପୁର କଲ୍ୟାଣ ମଣ୍ଡପ ।

ରାଜସ୍ୱ ମଧ୍ୟ ହାନି ହେଉଛି । ଏହାକୁ ଗୁରୁତ୍ୱର ସହ ନେଇ ଏସଏମସି ବ୍ୟବହାର ଉପଯୋଗୀ କରିବା ପାଇଁ ଦାବି ହେଉଛି । ସୂଚନାଯୋଗ୍ୟ , ଆର୍ଥିକ ବର୍ଷ ୨୦୧୬-୧୭ରେ କଲ୍ୟାଣ ମଣ୍ଡପ ପାଇଁ ପ୍ରାୟ ୫୦ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ଏହି କାମ କରାଯାଇଥିଲା। ପରେ ଏସଏମସି ଓ ମାନେଶ୍ୱର ବ୍ଲକ ପକ୍ଷରୁ ପର୍ଯ୍ୟାୟକ୍ରମେ ରୋଷେଇ ଘର, ଶୌଚାଳୟ, ନଳକୂପ, ମାଟି ପୋତିବା, ମୁଖ୍ୟ ରାସ୍ତାରୁ କଲ୍ୟାଣମଣ୍ଡପକୁ ରାସ୍ତା ନିର୍ମାଣ କରିବା ଭଳି କାମ ହାତକୁ ନିଆଯାଇଥିଲା । ଏଥିପାଇଁ ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି । ଆହୁରି କେତେକ କାମ ବାକି ରହିଛି। ତାହା ସମ୍ପୂର୍ଣ୍ଣ କରାଯାଉ ବୋଲି ଦାବି ହେଉଛି।

ଏ ସମ୍ପର୍କରେ ଏସଏମସି କମିଶନର ପ୍ରଦୀପ କୁମାର ସାହୁ କହିଛନ୍ତି ଯେ, ମହାନଗର ନିଗମ ପକ୍ଷରୁ ପରିଚାଳନା କରିବାରେ ବିଭିନ୍ନ ସମସ୍ୟା ହେଉଛି । ରାଜ୍ୟର ଅନ୍ୟ ସ୍ଥାନ ଭଳିଆ ଘରୋଇ ସଂସ୍ଥାକୁ ପରିଚାଳନା ଦାୟିତ୍ୱ ଦିଆଯିବ । ସେମାନଙ୍କ ପାଖରୁ ଏସଏମସି ଗୋଟିଏ ଦର ଧାର୍ଯ୍ୟ କରି ରାଜସ୍ୱ ଆଦାୟ କରିବ। ଫଳରେ ଠିକ ଭାବେ ପରିଚାଳନା ହେବା ସହ ଲୋକମାନେ ସୁବିଧା ପାଇ ପାରିବେ। ବାକି ଥିବା ପାଣି ଓ ବିଦ୍ୟୁତ୍ କାମ ଶୀଘ୍ର କରାଯିବ ବୋଲି କହିଥିଲେ ।

### ସ୍ୱୟଂ ସହାୟକ ଗୋଷ୍ଠୀ କର୍ମଶାଳା

**ସମ୍ବଲପୁର,୧୬।୫(ବ୍ୟୁରୋ)**

ସମ୍ବଲପୁର ମହାନଗର ସ୍ୱୟଂ ସହାୟିକା ଗୋଷ୍ଠୀ ସମନ୍ୱୟ ସମିତିର ସଭାପତି ଓ ସମ୍ପାଦିକାଙ୍କୁ ନେଇ ତପସ୍ୱନୀ ପ୍ରେକ୍ଷାଳୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାକୁ ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ ଉଦ୍‌ଘାଟନ କରିଥିଲେ । ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନାରେ ସ୍ୱୟଂ ସହାୟିକା ଗୋଷ୍ଠୀକୁ ନିୟୋଜିତ କରି କିପରି କାର୍ଯ୍ୟକ୍ଷମ କରାଯାଇପାରିବ ଏବଂ କିଭଳି ବ୍ୟବସାୟିକ ବ୍ୟାଙ୍କଗୁଡ଼ିକର ସହଯୋଗ ମିଳିପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ୧୦ ଦଫା ଦାବି ଜିଲା ପ୍ରଶାସନ ଓ ମହାନଗର କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଉପସ୍ଥାପନା କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଅଧିକାରୀ ଅର୍ଚ୍ଚିତା ବେହେରା ବ୍ୟାଙ୍କ କିଭଳି ସ୍ୱୟଂ ସହାୟକ ଗୋଷ୍ଠୀକୁ ସହାୟତା କରିପାରିବ ତାହା କହିଥିଲେ । ସମନ୍ୱୟ ସମିତିର ସଭାନେତ୍ରୀ ଉର୍ମିଳା ପଣ୍ଡା ଏକ ସଂକଳ୍ପ ପତ୍ର ପାଠ କରିଥିଲେ । ମୁଖ୍ୟବକ୍ତା ଭାବେ ସମ୍ବଲପୁର ଜିଲା ବିଜେଡି ସଭାପତି ଇଂ. ସିଦ୍ଧାର୍ଥ ଦାସ ମିଶନ ଶକ୍ତି ଜରିଆରେ ଏସଏଚଜି ଦ୍ୱାରା ରାଜ୍ୟରେ ଚାଲୁଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ମିତାଲି ସାହୁ, ଜିଲା ପରିଷଦ ସଦସ୍ୟ ସୁରାଜା ସେଠ, ସବିତା ପଣ୍ଡା, ଲଳିତା ମେହେର, ଚଞ୍ଚଳା ଓରାମ, ଅନିତା ନାଏକ, ମୁନ୍ନି ବେଗମ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ରାଖୀ ମୁଣ୍ଡା ଧନ୍ୟବାଦ ଦେଇଥିଲେ । କର୍ମଶାଳାରେ ୧୦୦୦ରୁ ଉର୍ଦ୍ଧ୍ୱ ଏସଏଚଜି ସଭାପତି ଓ ସମ୍ପାଦକ ଯୋଗଦାନ କରିଥିଲେ ।

**MILK UNION SAMBALPUR**
**VEHICLE REQUIRED ON HIRE**
1.TATA ACE or similar type of vehicle required on hire for Khuntbandh Milk route running both morning & evening covering 160 K.M
2.TATA ACE or similar type of vehicle required on hire for Sonepur- Birmaharajpur Milk route running both morning & evening covering 154 K.M
Interested Parties may purchase and submit Tenders by 25.05.2022,
Tender Paper Cost- **Rs. 200/- + GST, EMD- Rs. 2,000/-**

### ଆରଏସ୍‌ପି ବ୍ଲାଷ୍ଟ ଫର୍ନେସ କର୍ମଚାରୀ ପୁରସ୍କୃତ

**ରାଉରକେଲା ଅଫିସ,୧୬।୫**

ରାଉରକେଲା ଇସ୍ପାତ କାରଖାନା ବ୍ଲାଷ୍ଟ ଫର୍ଣ୍ଣେସ-୫ ବିଭାଗର କର୍ମଚାରୀ ଦଳ ଏକ ହାଇଡ୍ରୋଲିକ୍ ଚାଳିତ ଟପ୍ ରିକଭରି ଟର୍ବାଇନର ବାଇପାସ ଭଲ୍ଭକୁ ସଫଳତାର ସହିତ ସ୍ଥାପନା କରିଛନ୍ତି। ସ୍ୱଳ୍ପ ବ୍ୟୟରେ ସମ୍ପାଦିତ ଏହି ଅଭିନବ ପ୍ରୟାସ ସୁରକ୍ଷାରେ ଉନ୍ନତି ଆଣିବାରେ ସାହାଯ୍ୟ କରିଛି ଓ ଡାଉନ୍ ସମୟକୁ ହ୍ରାସ କରିଛି। ଯାହା ଦ୍ୱାରା ୟୁନିଟ୍ ଉତ୍ପାଦନ ଓ ଉତ୍ପାଦକତାରେ ଅଧିକ ଉନ୍ନତି ସାଧିତ ହୋଇପାରିଛି। ଏଥିପାଇଁ ଆରଏସ୍‌ପିର ବ୍ଲାଷ୍ଟ ଫର୍ନେସ ବିଭାଗର କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ଉତ୍ସବରେ ବ୍ଲାଷ୍ଟ ଫର୍ନେସ ବିଭାଗର ସିଜିଏମ୍ ବି. ଆର ବାବୁ, ବିଭାଗର ଏଜିଏମ୍ ପିତାମ୍ବର ଶତପଥୀ, ଇଲେକ୍ଟ୍ରିକାଲ ସିନିୟର ମ୍ୟାନେଜର ବେଣୁଧର ନାୟକ, ମେକାନିକାଲ ବିଭାଗର ମ୍ୟାନେଜର ଆଲେନ ଜ୍ୟାକବ ଜନ, ମାଷ୍ଟର ଟେକ୍ନିସିଆନ ଯତିନ୍ଦ୍ର ନାଥ ମହନ୍ତ, ଦୀପକ କୁମାର ଦାସ, ଶୁଶାନ୍ତ ବାନାର୍ଜୀ, ନବିନ କୁମାର ବେହେରା, ଉତ୍ତମ ସାହୁ, କୁଅଁର ଚରଣ ମୁର୍ମୁ, ସୁଶାନ୍ତ ସ୍ୱାଇଁଙ୍କୁ ଉତ୍କର୍ଷ ଯୋଜନା ପାଇଁ ପୁରସ୍କୃତ କରଯାଇଥିଲା। କାର୍ମିକ ବିଭାଗର ମ୍ୟାନେଜର ଜୟନ୍ତ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସୁସ୍ଥ ହୋଇ ଘରକୁ ଫେରିଲେ ମାନସିକ ରୋଗୀ

**ସମ୍ବଲପୁର,୧୬।୫(ବ୍ୟୁରୋ)**

ସମ୍ବଲପୁର ବୁର୍ଲା ଭିମସାରରେ ଚିକିତ୍ସିତ ହୋଇ ସୁସ୍ଥ ହୋଇଥିବା ଜଣେ ମାନସିକ ରୋଗୀ ସାମାଜିକ କର୍ମୀ ଓ ଜିଲା ପ୍ରଶାସନ ସହାୟତା ରେ ନିଜ ଘରକୁ ଫେରିଛନ୍ତି । ସେ ହେଲେ ସିରାଜ ଅନୱର (୩୦ ) । ତାଙ୍କ ଘର ବିହାର ରାଜ୍ୟ ମଧୁବନି ଜିଲା ପତନା ଥାନା ଅନ୍ତର୍ଗତ ରାଠୋ ଗ୍ରାମରେ । ସୂଚନା ମୁତାବକ, ସିରାଜଙ୍କ ମାନସିକ ଅବସ୍ଥା ଠିକ ନ ଥିବାରୁ ସମ୍ବଲପୁର ଚାଲି ଆସିଥିଲେ । ତାଙ୍କୁ ଆହତ ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ ଅଣାଯାଇ ଗତ ଏପ୍ରିଲ ୧୨ ତାରିଖରେ ଭୀମସାରରେ ଭର୍ତ୍ତି କରାଯାଇଥିଲା । ୧୦ ଦିନ ଚିକିତ୍ସିତ ହେବା ପରେ ତାଙ୍କ ଚେତା ଫେରିଥିଲା । ପରେ ଡାକ୍ତରମାନେ ସିରାଜ ମାନସିକ ରୋଗୀ ବୋଲି ଜାଣି ପାରି ଉକ୍ତ ବିଭାଗକୁ ସ୍ଥାନାନ୍ତରିତ କରିଥିଲେ । ପ୍ରାୟ ଏକ ମାସ ଚିକିତ୍ସା ହେବା ପରେ ନିଜ ପରିବାର ସମ୍ପର୍କରେ ସେ କହିଥିଲେ। ଭୀମସାର ମାନସିକ ବିଭାଗ ମୁଖ୍ୟ ଡାକ୍ତର ବିରେନ୍ଦ୍ର ନାଏକ ତାଙ୍କ ପରିବାର ସହ ଯୋଗାଯୋଗ କରିଥିଲେ । ହେଲେ ଗରିବ ପରିବାର ହୋଇଥିବାରୁ ସିରାଜଙ୍କୁ ଓଡିଶାରୁ ନେବା ପାଇଁ ପରିବାର ସଦସ୍ୟ ଅକ୍ଷମତା


ସମ୍ବଲପୁର ଭିମସାରରେ ଡାକ୍ତର ଓ ସାମାଜିକ କର୍ମୀଙ୍କ ସହ ସିରାଜ ।

**ପ୍ରଶାସନ, ସାମାଜିକ କର୍ମୀ କଲେ ସହାୟତା**

ପ୍ରକାଶ କରିଥିଲେ । ପରେ ଭୀମସାର ପ୍ରଶାସନିକ ଅଧିକାରୀ ସୁବ୍ରତ ନାୟକ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
ଜିଲା ରେଡକ୍ରସ ସଂପାଦକ ଜୟ ଜର୍ଜ ସାମାଜିକ କର୍ମୀ ତଥା ରେଡ଼କ୍ରସ ସଦସ୍ୟ ନିହାଲ ସିଂଙ୍କୁ ସୁସ୍ଥ ହୋଇଥିବା ସିରାଜଙ୍କୁ ତାଙ୍କ ଘରେ ଛାଡିବା ପାଇଁ ଦାୟିତ୍ୱ ଦେଇଥିଲେ । ରେଡକ୍ରସ ସଭ୍ୟ ମମିନା ଖାତୁନ, ଚୈତନ୍ୟ ମୁନା, ରେଡକ୍ରସ ଆଜୀବନ ସହଯୋଗୀ ଚାନ୍ଦିନୀ ଷଣ୍ଢ, ଏମଡି ଅନୱର ଆଲମ ପ୍ରମୁଖ ବିହାର ଯାଇଥିଲେ । ଥାନା ଅଧିକାରୀ ପ୍ରହଲ୍ଲାଦ ଶର୍ମାଙ୍କ ଉପସ୍ଥିତରେ ମାଆ ମସରତ ଜାହାଁ ଓ ତାଙ୍କ ଭଉଣୀଙ୍କୁ ସିରାଜଙ୍କୁ ହସ୍ତାନ୍ତର କରା ଯାଇଥିଲା । ସିରାଜଙ୍କ ମାଆ ମସରତ କହିବା ଅନୁସାରେ, ତିନି ମାସ ପୂର୍ବରୁ ତାଙ୍କ ବାପା ଅସାମୁଲ ହକ ରାଞ୍ଚି ମାନସିକ ବିଭାଗରେ ଚିକିତ୍ସା ପାଇଁ ସିରାଜଙ୍କୁ ନେଇଥିଲେ । ସେ ରାଞ୍ଚିଠାରେ କେଉଁଆଡେ ଚାଲି ଯାଇଥିବାରୁ ନିରାଶ ହୋଇ ଘରକୁ ଫେରି ଆସିଥିଲେ । ପରେ ପେଟପାଟଣା ପାଇଁ ବମ୍ବେକୁ କାମ କରିବା ପାଇଁ ଯାଇଛନ୍ତି । ପୁଅ ଭୀମସାର ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଖବର ପାଇଥିବା ସତ୍ତ୍ୱେ ଅର୍ଥାଭାବରୁ ପୁଅକୁ ନେଇ ପାରୁ ନ ଥିଲେ। ପୁଅକୁ ଫେରି ପାଇଥିବାରୁ ଭୀମସାର କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ସାମାଜିକ କର୍ମୀ ନିହାଲଙ୍କୁ ସିରାଜଙ୍କ ମା' କୃତଜ୍ଞତା ଜଣାଇଛନ୍ତି ।

## ସନ୍ଥକବି ଭୀମଭୋଇଙ୍କ ବାଣୀ ବିଶ୍ୱବିଦିତ

**ରେଢାଖୋଲ,୧୬।୫(ଡି.ଏନ.ଏ.)**

**ରେଢ଼ାଖୋଲରେ ସନ୍ଥକବିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

ସନ୍ଥକବି ଭୀମଭୋଇଙ୍କ ବାଣୀ 'ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ' ବିଶ୍ୱ ବିଦିତ। ସମଗ୍ର ମାନବ ସମାଜ ପାଇଁ ତାଙ୍କ କାଳଜୟୀ ସାହିତ୍ୟର ଆଜି ବି ପ୍ରାସଙ୍ଗିକତା ରହିଛି । ସୋମବାର ରେଢାଖୋଲସ୍ଥିତ ଭୀମଭୋଇ ମଣ୍ଡପଠାରେ ଓଡିଶା ସାହିତ୍ୟ ଏକାଡେମୀ ଓ ପଞ୍ଚଖଣ୍ଡା କଳାପରିଷଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସନ୍ଥକବି ଭୀମଭୋଇଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ସାହିତ୍ୟ ଏକାଡେମୀର ସଦସ୍ୟ ଅବସରପ୍ରାପ୍ତ ଅଧ୍ୟାପକ ରଘୁନାଥ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜୟନ୍ତୀ ସଭାରେ ରେଢାଖୋଲ ବିଡିଓ ପରିକ୍ଷିତ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଓଡିଆ ବିଭାଗ ପ୍ରାଧ୍ୟାପିକା ଡ.ସନ୍ତୋଷିନୀ ବାବୁ, ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଲାଲା ଲଜପତରାୟ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଗିରିଜା ଶଙ୍କର ଶର୍ମା ଯୋଗଦେଇ ସନ୍ଥକବି ଭୀମଭୋଇଙ୍କ ସାହିତ୍ୟରେ ମାନବବାଦ ଓ ସଂସ୍କାର ଉପରେ ଆଲୋଚନା କରିଥିଲେ। ରଞ୍ଜିତ ଦେହୁରୀ ସଭା ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭୀମଭୋଇ କଲେଜର ଓଡିଆ ଅଧ୍ୟାପକ ଡ. ମନୋରଞ୍ଜନ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଅଧ୍ୟାପିକା ସସ୍ମିତା ଭୋଇ, ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରୁପାରାଣୀ ସାହୁ ମଞ୍ଚାସୀନ ଥିଲେ। ପଞ୍ଚଖଣ୍ଡା କଳାପରିଷଦର ସଭାପତି ମହାବୀର ସିଂ ଦେଓ, ଓକିଲ ସଂଘ ସଭାପତି ଅଭୟ କୁମାର ବୀର, ଆଇନଜୀବୀ ଗଣେଶ୍ୱର ପ୍ରଧାନ, ଅଚ୍ୟୁତାନନ୍ଦ ପୁରୋହିତ, ସୁଶାନ୍ତ ପ୍ରଧାନ, ଦେବାନନ୍ଦ ପ୍ରଧାନ, ଯୋଗଜନ୍ମା ଦାସ ଶର୍ମା ସହଯୋଗ କରିଥିଲେ । ମହିମାଧର୍ମୀ ଆନନ୍ଦ ବାବା ଓ ବହୁ ମହିମା ଧର୍ମୀ ସାଧୁସନ୍ଥ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ବସଷ୍ଟାଣ୍ଡସ୍ଥିତ ଭୀମଭୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।


ରାଜ୍ୟସ୍ତରୀୟ ଭୀମଭୋଇ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି ।

## ବିକାଶ ବିନାୟକ ହସ୍ପିଟାଲ ଉଦ୍‌ଘାଟିତ



ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲାଠାରେ ଅତିଥିମାନେ ବିକାଶ ବିନାୟକ ହସ୍ପିଟାଲକୁ ଉଦ୍‌ଘାଟନ କରୁଛନ୍ତି ।

**ସମ୍ବଲପୁର,୧୬।୫(ବ୍ୟୁରୋ)**

ବିକାଶ ବିନାୟକ ହସ୍ପିଟାଲ ବୁର୍ଲା ଜଗନ୍ନାଥ ମନ୍ଦିର ଛକଠାରେ ଉଦ୍‌ଘାଟିତ ହୋଇଯାଇଛି । ପଶ୍ଚିମ ଓଡିଶାରେ ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ ଉଦ୍ଦେଶ୍ୟରେ ବିକାଶ ଗ୍ରୁପ ଓ ବିକାଶ ସଂସ୍ଥାର ମିଳିତ ଉଦ୍ୟମରେ ହସ୍ପିଟାଲ ଶୁଭାରମ୍ଭ କରାଯାଇଛି । ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ହସ୍ପିଟାଲକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ମନ୍ତ୍ରୀ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାଗୁଡିକ କାର୍ଯ୍ୟକାରୀ କରାଯିବ ବୋଲି ସୂଚିତ କରିଥିଲେ । ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର। ବିକାଶ ଗ୍ରୁପ ଅଧ୍ୟକ୍ଷ ଡି. ମୁରଲୀ କ୍ରୀଷ୍ଣା, ବିନାୟକ ସଂସ୍ଥାର ମୁଖ୍ୟ ଡା.ବିରେନ୍ଦ୍ର କୁମାର ଗଡତିଆ , ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଅଶୋକ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିକାଶ ଗ୍ରୁପ ପ୍ରଶାସନିକ ଅଧିକାରୀ ଡି. ଭାସ୍କର ରାଓ, ଟି. ନାଗେଶ୍ୱର ରାଓ, ସିଇଓ ଡା. ରବି କୁମାର ହସ୍ପିଟାଲ ବିଷୟରେ ସୂଚିତ କରିଥିଲେ । ସୂଚନାଯୋଗ୍ୟ ଯେ, ଏହି ହସ୍ପିଟାଲରେ ସଂପ୍ରତି ୩୦ଟି ଶଯ୍ୟା ରହିଛି। ଆଗକୁ ୧୦୦ଶଯ୍ୟାକୁ ବୃଦ୍ଧି କରାଯିବ । ସେଥିମଧ୍ୟରୁ ୪୦ଟିକୁ ଆଇସିୟୁ କରାଯିବ ବୋଲି ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି।

## ମାଛଧରା ଜାଲରେ ନବଜାତକ ଶିଶୁର ମୃତଦେହ

**କୋକସରା,୧୬।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ କୁସୁମଖୁଣ୍ଟି ନିକଟସ୍ଥ ଇନ୍ଦ୍ରାବତୀ ବାମ କେନାଲରୁ ନବଜାତକ ଶିଶୁର ମୃତଦେହ ଠାବ ହୋଇଛି। ସୋମବାର ମଧ୍ୟାହ୍ନରେ କୁସୁମଖୁଣ୍ଟି ଗ୍ରାମର କେତେଜଣ ଲୋକ କେନାଲରେ ଜାଲ ପକାଇ ମାଛ ଧରୁଥିଲେ। ମାଛଧରା ଜାଲରେ ଏକ ନବଜାତକ ଶିଶୁପୁତ୍ରର ମୃତଦେହ ପଡ଼ିଥିଲା। ଶିଶୁକୁ କେହି ଫିଙ୍ଗି ଦେଇଛନ୍ତି, ତାହା ଜଣାପଡ଼ି ନ ଥିବା ବେଳେ ଅବାଞ୍ଛିତ ପ୍ରେମ ସମ୍ପର୍କ କିମ୍ବା କୁମାରୀ ମାତୃତ୍ୱ ଲୋକଲଜ୍ୟା ଭୟରେ କେହି ଯୁବତୀ, ମହିଳା କିମ୍ବା ତାଙ୍କ ସମ୍ପର୍କୀୟ ନବଜାତକକୁ ଫିଙ୍ଗି ଦେଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଘଟଣାକୁ ନେଇ ମୋଟେର ଫାଣ୍ଡି ଅଧିକାରୀ ଅଜୟ ନାଏକଙ୍କୁ ପଚାରିବାରୁ ଆମ ପାଖରେ କିଛି ଖବର ନାହିଁ ବୋଲି କହିଛନ୍ତି।

## ଜୟ ମା' ଦୁର୍ଗା ଚାମ୍ପିୟନ

**ଜମନକିରା,୧୬।୫(ଡି.ଏନ.ଏ.)**

**ଟିପିଏଲ କ୍ରିକେଟ ଟୁର୍ନାମେଣ୍ଟ**

ଜମନକିରା ବ୍ଲକ ଟିକିବା ଖେଳପଡ଼ିଆରେ ଗତ ୧୦ ତାରିଖରୁ ଟିକିବା ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମମତା ଭେଙ୍ଗ୍ରା ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟା ସ୍ନିଗ୍ଧା ପଟେଲ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟରେ ମୋଟ ୪ଟି ଦଳ ଅଂଶଗ୍ରହଣ କରିଥିଲେ। ଜୟ ମା' ଦୁର୍ଗା ଏବଂ ପିଆର୍ ଇଲେଭେନ ମଧ୍ୟରେ ଫାଇନାଲ ଖେଳ ଆରମ୍ଭ ହୋଇ ୧୦ ଓଭର ଧରି ମ୍ୟାଚ ଚାଲିଥିଲା। ଏହି ମ୍ୟାଚରେ ଜୟ ମା' ଦୁର୍ଗା ୪ ଉଇକେଟ ହରାଇ ୧୦୭ ରନ କରିଥିବା ବେଳେ ପିଆର ଇଲେଭେନ ୩ ଉଇକେଟ ହରାଇ ୯୪ ରନ କରି ପରାସ୍ତ ହୋଇଥିଲା। ଜୟ ମା' ଦୁର୍ଗା ବିଜୟୀ ମୁକୁଟ ହାସଲ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଜିଲା ପରିଷଦ ଜୋନ ୧ ସଭ୍ୟା ସୁଜାତା ଖୁଣ୍ଟିଆ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସରପଞ୍ଚ ମମତା ଭେଙ୍ଗ୍ରା, ସମିତି ସଭ୍ୟା ସ୍ନିଗ୍ଧା ପଟେଲ, ଗିରିଧର ପଟେଲ, ସୁଦର୍ଶନ ଖୁଣ୍ଟିଆ ଯୋଗଦେଇ ଖେଳାଳି ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ବିଜେତା ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ଏବଂ ଉପବିଜେତା ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଫାଇନାଲରେ ଅଜୟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ବାବଲୁଙ୍କୁ ଘୋଷଣା କରାଯାଇଥିଲା। ଅମ୍ପିଆର ଭାବେ ଗୌତମ ଏବଂ ନରେନ୍ଦ୍ର ଖେଳ ପରିଚାଳନା କରିଥିଲେ । ଟିକିବା ଗ୍ରାମବାସୀ ତଥା ଟିକିବା ଯୁବକ ସଂଘର ସମସ୍ତ କାର୍ଯ୍ୟ କର୍ତ୍ତା ସହଯୋଗ କରିଥିଲେ।

## ଅହଂକାର ମଣିଷକୁ ଅଶାନ୍ତି ଦେଇଥାଏ: ଜୁଏଲ

**ସମ୍ବଲପୁର,୧୬।୫(ବ୍ୟୁରୋ)**

**ଏସୟୁରେ ଜାତୀୟ ସେମିନାର**

ଅହଂକାର ମଣିଷକୁ ସମାଜରେ ବିବାଦ ମଧ୍ୟକୁ ଟାଣି ନେବା ସହ ମନରେ ଅଶାନ୍ତି ଦେଇଥାଏ । ଯେ ପର୍ଯ୍ୟନ୍ତ ମନରେ ଅହଙ୍କାର ରହିଥିବ ଯେତେ ଚେଷ୍ଟା କଲେ ମଧ୍ୟ ବିବାଦର ସମାଧାନ ହୋଇ ପାରିବ ନାହିଁ । ତେଣୁ ମନରୁ ପ୍ରଥମେ ଅହଙ୍କାରକୁ ଦୂର କରିବାକୁ ହେବ । ତାହାଲେ ଜୀବନରେ ଆଗକୁ ବଢିବା ପାଇଁ ପଥ ସହଜ ହୋଇଯିବ । ଏହାସହ ଲକ୍ଷ୍ୟ ଏକ ରଖି କଠିନ ପରିଶ୍ରମ କଲେ ନିଶ୍ଚିତ ଭାବେ ସଫଳତା ମିଳିଥାଏ। ବାଟ ଆପେ ଆପେ ଫିଟିଯାଏ । ସୋମବାର ଏସୟୁରେ ଆୟୋଜିତ ୨ ଦିନିଆ ଜାତୀୟ କର୍ମଶାଳାକୁ ଉଦ୍‌ଘାଟନ କରି ମୁଖ୍ୟଅତିଥି ସୁନ୍ଦରଗଡ ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଉପରୋକ୍ତ ମତ ପ୍ରକାଶ କରିଛନ୍ତି।
ଏସୟୁ ଏମବିଏ ବିଭାଗ ସମ୍ମିଳନୀ କକ୍ଷରେ ବିବାଦ, ସମାଧାନ, ଶାନ୍ତିକୁ ନେଇ ସେମିନାର ଅନୁଷ୍ଠିତ ହୋଇଥିଲା। ଏଥିରେ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ ଅଧ୍ୟକ୍ଷତା କରିଥିଲେ । ଛାତ୍ରୀଛାତ୍ରମାନଙ୍କୁ ସେ ଉଦବୋଧନ ଦେଇ କହିଥିଲେ ଯେ, ସମସ୍ତେ ସମୟାନୁବର୍ତ୍ତିତା ହେବାର ଆବଶ୍ୟକ ରହିଛି । ସମୟ ମୂଲ୍ୟ ବୁଝି ପାରିଲେ ନିଶ୍ଚିତ ଭାବେ ଜୀବନରେ ସଫଳତା ମିଳିଥାଏ । ଦକ୍ଷତା ସହ ସକରାତ୍ମକ ଚିନ୍ତାଧାରା ମଧ୍ୟ ରହିବା ଆବଶ୍ୟକ । ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ପାଇଁ ଏହି ସେମିନାର ଲାଭ ଦାୟକ ହେବ। ଭୟଭୀତ ନ ହୋଇ ଲକ୍ଷ୍ୟ ପୂରଣ ପାଇଁ ଚେଷ୍ଟା କଲେ ସବୁ କ୍ଷେତ୍ରରେ ସଫଳ ହୋଇପାରିବ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ କଲିକତା ଯାଦବପୁର ବିଶ୍ୱବିଦ୍ୟାଳୟ ଇଣ୍ଟର ନ୍ୟାଶନାଲ ରିଲେଶନସିପ ବିଭାଗ ପ୍ରଫେସର ଇଶାନୀ ନାଶକର ଯୋଗଦେଇ କହିଥିଲେ ଯେ, ଦେଶ ଦେଶ ମଧ୍ୟରେ କିଭଳି ଭାବେ ବିବାଦ ଲାଗି ରହିଛି । କିଭଳି ଅଶାନ୍ତ ବାତାବରଣ ହୋଇ ଧନ ଜୀବନ ନଷ୍ଟ ହେଉଛି । ଏହାର ସମାଧାନ କିଭଳି ହେବ ସେନେଇ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିଜି କାଉନସିଲ ଅଧ୍ୟକ୍ଷ ସଞ୍ଜିତ ସାହୁ, କ୍ୟାରିୟର କାଉନସିଲ ସଂଯୋଜକ ପ୍ରଫେସର ରଜତ କୁଜୁର, ସହ ସଂଯୋଜକ ତଥା ଆସିଷ୍ଟାଣ୍ଟ ପ୍ରଫେସର ରଶ୍ମି କୁଜୁର ପରିଚାଳନା କରିଥିଲେ । ଏଥିରେ ବିଭିନ୍ନ ବିଭାଗର ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହିଥିଲେ ।


ସମ୍ବଲପୁର ବିଶ୍ୱ ବିଦ୍ୟାଳୟରେ ଅନୁଷ୍ଠିତ ଜାତୀୟ ସେମିନାରରେ ଅତିଥିମାନେ ।

## ଲାଠୋରରେ ବୁଦ୍ଧ ପୂର୍ଣ୍ଣିମା ପାଳିତ

ଲାଠୋର, (ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରରେ ସାବାସ ସାମାଜିକ ପରିବର୍ତ୍ତନ ସଂଗଠନ ପକ୍ଷରୁ ସୋମବାର ବୁଦ୍ଧ ଜୟନ୍ତୀ ପାଳିତ ହୋଇଯାଇଛି। ସଂଗଠନ ସଭାପତି କପିଳ ସୁନାଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ବୁଦ୍ଧ ଜୟନ୍ତୀର ତାତ୍ପର୍ଯ୍ୟ ଓ ସାମ୍ପ୍ରତିକ ପରିସ୍ଥିତିରେ ବୌଦ୍ଧତତ୍ତ୍ୱର ପ୍ରାସଙ୍ଗିକତା ଉପରେ ବକ୍ତବ୍ୟ ରଖିଥିଲେ। ସଂଗଠନ ଉପସଭାପତି ଯୁବରାଜ ଗୁର୍ଲା,ସମ୍ପାଦକ ସିକନ୍ଦର ସୁନା, କୋଷାଧ୍ୟକ୍ଷ ଅମିତ ସୁନା ଓ ସଦସ୍ୟମାନେ ଏହି ଅବସରରେ ଉପସ୍ଥିତ ଥିଲେ। ସୋନୁ ଗୁର୍ଲା ସଭା ପରିଚାଳନ ଓ ରାହୁଲ ସୋନି ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଯୁବକବି ଗାଁରେ ସମ୍ମାନିତ



କୋକସରା,୧୬।୫(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଡାଲଗୁମା ଗ୍ରାମର ଯୁବକବି ଦୁର୍ଯ୍ୟୋଧନ ଚଣ୍ଡିଙ୍କୁ ସନ୍ଥକବି ଭୀମ ଭୋଇ ପରିଷଦ ଶାରଳା ଭବନ କଟକଠାରେ ରବିବାର ରାଜ୍ୟସ୍ତରୀୟ ଆଧାତ୍ମିକ ସମ୍ମିଳନୀରେ ସମ୍ମାନିତ କରାଯାଇଛି। ସୋମବାର ସେ ଘରକୁ ଫେରିବା ପରେ ଡାଲଗୁମା ଗ୍ରାମବାସୀଙ୍କ ପକ୍ଷରୁ ଯୁବକବିଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଛି। ଏହି ଅବସରରେ ବରିଷ୍ଠ ଶିକ୍ଷାବିତ୍ ଜୟରାମ ଚଣ୍ଡି, କବି ପ୍ରଭାକର ପଟ୍ଟନାୟକ, ଡାଲଗୁମା ସରପଞ୍ଚ ଯୋଗେନ୍ଦ୍ର ପଟ୍ଟନାୟକ, ସମିତି ସଭ୍ୟ ଚିନ୍ତାମଣି ଚଣ୍ଡି, ଅମୋଜ ଧରୁଆ, ମହେନ୍ଦ୍ର ଧରୁଆଙ୍କ ସମେତ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଗାଁର ପୁଅ କବି ସମ୍ମିଳନୀରେ ସମ୍ମାନିତ ହୋଇ ଗାଁ ପାଇଁ ଗୌରବ ଆଣିଥିବାରୁ ପ୍ରଶଂସା ଓ ଶୁଭେଚ୍ଛା ଦିଆଯାଇଛି।

### ଜୁଆ ଆଡ୍ଡାରେ ପୋଲିସ ଚଢ଼ାଉ, ୬ ଗିରଫ

#### ୮ ବାଇକ୍, ୬ ମୋବାଇଲ, ୯୫ ହଜାର ଟଙ୍କା ଜବତ



ଗୋଲାମୁଣ୍ଡା,୧୬।୫(ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଘୋଟିଆ ଗ୍ରାମ ଟିକେନ୍ ଘାଟ ଯୋରପାଖରେ ରବିବାର ରାତିରେ ଜୁଆ ଖେଳ ଚାଲିଥିବା ଖବର ପାଇ ଦଶପୁର ଫାଣ୍ଡି ଓ ଗୋଲାମୁଣ୍ଡା ଥାନା ପୋଲିସ ମିଳିତ ଚଢ଼ାଉ କରିଥିଲା। ସେଠାରୁ ପୋଲିସ ୮ଟି ବାଇକ୍, ୬ଟି ମୋବାଇଲ ଫୋନ୍, ନଗଦ ୯୫ ହଜାର ଟଙ୍କା, ୩ଟି ତାସ୍ ଓ ଗୋଟିଏ ପଲିଥିନ ତାରପୋଲିନ ଜବତ କରିଥିଲା। ଜୁଆ ଖେଳରେ ସାମିଲ ଥିବା ୬ଜଣଙ୍କୁ ପୋଲିସ ଗିରଫ କରି ସୋମବାର ସେମାନଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜୁନାଗଡ ଥାନା ଚିଟୈଗୁଡା ଗ୍ରାମର ପ୍ରକାଶ ଚନ୍ଦ୍ର ମେହେର (୫୬), କେଗାଁ ଥାନା ସାନଚେରଗାଁର ଅନନ୍ତ ସାହୁ (୩୯), କେଗାଁର ନବ ପୁଟେଲ (୪୨), ନୂଆପଡା ଜିଲା ସିନାପାଲି ଥାନା ଚଞ୍ଚାରାପାଲି ଗ୍ରାମର ଦେବେନ କଟା(୨୯), ଗୋଲାମୁଣ୍ଡା ଥାନା ଲିମସେର ଗ୍ରାମର ନୃପରାଜ ମେହେର(୪୨), ଅରକ୍ଷିତ ମେହେର (୪୧)। ଚଢ଼ାଉରେ ଗୋଲାମୁଣ୍ଡା ଥାନା ଆଇଆଇସି ଯୁଗୋଳ ଶବର, ଦଶପୁର ଫାଣ୍ଡି ଅଧିକାରୀ ଚନ୍ଦ୍ରହାସ୍ୟ ସାହୁ ନେତୃତ୍ୱ ନେଇଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୯୦/୨୨) ରୁଜୁ ହୋଇଛି।

### ଦେୟମୁକ୍ତ ବିଦ୍ୟୁତ୍ ପାଇଁ ଦସ୍ତଖତ ଅଭିଯାନ

ଜାମଟିକ୍ରା,୧୬।୫(ଡି.ଏନ.ଏ): ଓଡ଼ିଶାରେ ୨୦୦ ୟୁନିଟ ପର୍ଯ୍ୟନ୍ତ ଦେୟମୁକ୍ତ ବିଦ୍ୟୁତ୍ ଯୋଗାଣ ଦାବିରେ ଆମ୍ ଆଦ୍‌ମୀ ପାର୍ଟି ବରଗଡ଼ ଜିଲା ଶାଖା ପକ୍ଷରୁ ସୋମବାର ଅତାବିରାଠାରେ ଦସ୍ତଖତ ଅଭିଯାନ ହୋଇଥିଲା। ସାପ୍ତାହିକ ବଜାରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଇନଚାର୍ଜ ଜୟ କିଶନ ଛୁରିଆ, ଜିଲା ଆବାହକ ଭବାନୀ ସାହୁ, ପବିତ୍ର ଦେହେରି, ଦୀନବନ୍ଧୁ ରନବିଡା ଓ ଯଦୁମଣି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବରଗଡ଼ ଜିଲା ତଥା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ୍, ଏରିଅର ଆଦାୟ ଏବଂ ଚଢାଦରକୁ ଦଳ ପକ୍ଷରୁ ବିରୋଧ କରିବା ସହ ଜନସଚେତନତା ସୃଷ୍ଟି କରାଯାଇଥିଲା।

### ବରପାଲିରେ ଯୋଗ ଶିକ୍ଷା ଶିବିର

ବରପାଲି,୧୬।୫(ଡି.ଏନ.ଏ): ବରଗଡ ଜିଲା ବରପାଲି ପ୍ରଧାନ କ୍ରାଫ୍ଟ ସେଣ୍ଟରରେ ସୋମବାର ଯୋଗ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସହରର ବହୁ ଛାତ୍ରୀଛାତ୍ର ଯୋଗାଭ୍ୟାସ କରୁଛନ୍ତି। ଯୋଗ ଶିକ୍ଷକ କୃଷ୍ଣଚନ୍ଦ୍ର ମେହେର ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ କ୍ରାଫ୍ଟର ପ୍ରତିଷ୍ଠାତା ବନ୍ଦିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ସଂଘମିତ୍ରା ପ୍ରଧାନ ଓ ଗୁଡୁଲି ମେହେର ଶିବିର ପରିଚାଳନା କରିଥିଲେ।

# ଗୋରକ୍ଷା ନାମରେ ବିଦ୍ୱେଷ ସୃଷ୍ଟି କରାଯାଉଛି

## ଚକରକେନ୍ଦରେ ଆତ୍ମସମ୍ମାନ ସମାବେଶ

ବରଗଡ଼ ଅଫିସ୍,୧୬।୫

ହିନ୍ଦୁ ଧର୍ମରେ ଗାଈକୁ ମାତା ବୋଲି କୁହାଯାଏ। ହେଲେ ଗାଈଗୋରୁଙ୍କ ମୃତଦେହ ଉଠାଇବା ଭଳି କାମ ସମ୍ପୃକ୍ତ ମାଲିକମାନେ କରୁନାହାନ୍ତି । ଅନ୍ୟପଟେ ଯେଉଁ ଦଳିତ ଜାତି (ଚମାର) ଲୋକମାନଙ୍କୁ ବିନା ପାରିଶ୍ରମିକରେ ଏଥିରେ ନିୟୋଜିତ କରାଯାଇଥାଏ, ସେମାନଙ୍କୁ ନୀଚ, ଘୃଣ୍ୟ ବୋଲି ଗଣନା କରାଯାଉଛି। ଗତ କିଛିବର୍ଷ ହେଲା ଗୋରକ୍ଷା ନାମରେ ଏକ ଗୋଷ୍ଠୀ ବିଭିନ୍ନ ସ୍ଥାନରେ ବିଦ୍ୱେଷ ସୃଷ୍ଟି କରିଚାଲିଛନ୍ତି ଏବଂ ଗୋରୁଗାଈଙ୍କ ମୃତଦେହ ଉଠାଇ ଆସୁଥିବା ଦଳିତ ଲୋକଙ୍କ ଉପରେ ମରଣାନ୍ତକ ଆକ୍ରମଣ କରୁଛନ୍ତି। ଏଭଳି ସ୍ଥଳେ ଦଳିତ ଜାତିର ଲୋକମାନେ ଆଉ ଗାଈଗୋରୁଙ୍କ ମୃତଦେହ ଉଠାଇବା କାମ କରିବେ ନାହିଁ। ସୋମବାର ବରଗଡ଼ ବ୍ଲକ ଚକରକେନ୍ଦଠାରେ ବୁଦ୍ଧ ଓ ଭୀମଭୋଇଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠିତ ଆତ୍ମ ସମ୍ମାନ ସମାବେଶରେ ଏହି ଆହ୍ୱାନ ଦିଆଯାଇଛି ।

ରବି ଦାସ ସମାଜର ଆହ୍ୱାନକ୍ରମେ ଆମ୍ବେଦ୍କରବାଦୀ ତଥା ସମତାବାଦୀ ସଂଗଠନ ଗୁଡ଼ିକର ମିଳିତ ଉଦ୍ୟମରେ




ଆତ୍ମ ସମ୍ମାନ ସମାବେଶରେ ମଞ୍ଚାସୀନ ଅତିଥିବୃନ୍ଦ ।

ଅନୁଷ୍ଠିତ ଏହି ସମାବେଶରେ କୃଷକନେତା ତଥା ସମତାବାଦୀ କର୍ମୀ ଲିଙ୍ଗରାଜଙ୍କ ସମେତ ସରୋଜ ସୁନା, ପୂର୍ଣ୍ଣଚନ୍ଦ୍ର ପାଇକ, ରାଜୀବ ସଗରିଆ, ଦୁତିଆ ଅଜଗର, ସୁବାଷ ଶାସ୍ତ୍ରୀ, ପଞ୍ଚମ ନାଏକ, ଅବିନାଶ ବାଗ, ଦୀନବନ୍ଧୁ କୁମ୍ଭାର, ହର ବଣିଆ, ଲକ୍ଷ୍ମଣ ସୁନା, କିଶୋର ସାହୁ, କେଶବ ମେହେର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଗୋବଂଶ ଲୋପର ମୂଳ କାରଣ, ଦଳିତମାନଙ୍କ ଉପରେ ନିର୍ଯାତନାର ବିଭିନ୍ନ ଦିଗ ଉପରେ ସେମାନେ ଆଲୋଚନା କରିଥିଲେ। ଏହି ସମାବେଶରେ ନୀଳେଶ୍ୱରଠାରେ ନିର୍ଯାତନାର ଶିକାର ହୋଇଥିବା କୈଳାସ ମେହେର, ବିଘ୍ନରାଜ ମେହେର, ଦୁଃଖୁ ମେହେରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସୀତାରାମ ମେହେର, ବାଳକିଶୋର ଛତର, ମହେନ୍ଦ୍ର ସୁନା, କୁନ୍ଦୁରୁ ଦାସ, ସୁରେଖା ଭୁଏଙ୍କ ଦ୍ୱାରା ଗଠିତ ସଭାପତି ମଣ୍ଡଳୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମ୍ବିଧାନ ସଚେତନତା ଅଭିଯାନ, ପଶ୍ଚିମ ଓଡ଼ିଶା ଦଳିତ ଅଧିକାର ମଞ୍ଚ, ଆମ୍ବେଦକର ଯୁବକ ସଂଘ, ଭୀମ ବିଚାର ମଞ୍ଚ, ଆମ୍ବେଦକର ଫୁଲେ ଏକାଡ଼େମୀ, ଛତିଶଗଡ଼ ରୋହିଦାସ ସମାଜ, ଜିଲା ଆଦିବାସୀ କଲ୍ୟାଣ ସଂଘ, ଜୟ କିଶାନ ଆନ୍ଦୋଳନର ପ୍ରତିନିଧିମାନେ ଯୋଗଦାନ କରିଥିଲେ।

ପ୍ରକାଶଥାଉକି, ଗତ ୧ତାରିଖରେ ନୀଳେଶ୍ୱର ଗ୍ରାମର ଚୌକିଦାରଙ୍କଠାରୁ ସୂଚନା ପାଇ ଏକ ଗାଈର ମୃତଦେହ ଉଠାଇବା ପାଇଁ ଯାଇଥିବା ଚକରକେନ୍ଦ ଗ୍ରାମର ୩ଜଣ ଦଳିତଙ୍କୁ ଏକ ଗୋରକ୍ଷକ ଗୋଷ୍ଠୀ ନିର୍ଯାତନା ଦେଇଥିଲା। ଏହାର ପ୍ରତିବାଦରେ ଏହି ଆତ୍ମସମ୍ମାନ ସମାବେଶ ଅନୁଷ୍ଠିତ ହୋଇଥିଲା ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ଏହି ଘଟଣାରେ ଏତଲା ଦେବା ପରେ ସଦର ଥାନା ପୋଲିସ ତତ୍ପରତାର ସହିତ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ କରାଯାଇ ଥିବାବେଳେ ଅନ୍ୟ ୨ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବାକୁ ଦାବି ହୋଇଥିଲା।

# ଟ୍ରେନ୍ ଉପରେ ଚଢ଼ି ସେଲ୍‌ଫି ନେବା ମହଙ୍ଗା ପଡ଼ିଲା

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ଯୁବକ ଆହତ

ଲୋଇସିଂହା, ୧୬।୫ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ରେଲୱେ ଷ୍ଟେଶନରେ ଅଟକି ରହିଥିବା ଏକ ମାଲଗାଡି ଉପରକୁ ଚଢ଼ି ମୋବାଇଲରେ ସେଲ୍‌ଫି ନେବା ୨ଯୁବକଙ୍କୁ ମହଙ୍ଗା ପଡିଛି। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଉଭୟେ ଆହତ ହୋଇଛନ୍ତି। ସେମାନେ ହେଲେ ସୁବର୍ଣ୍ଣପୁର ଜିଲା ଖରଜୁରା ଗ୍ରାମର ଦୀପକ ମେହେର(୧୯) ଓ ଲୋଇସିଂହା ଥାନା ନଅଗାଁ (ଖ) ଗ୍ରାମର ବିକାଶ ମେହେର (୧୭)। ସୋମବାର ସନ୍ଧ୍ୟାରେ ଲୋଇସିଂହା ଷ୍ଟେଶନରେ ଏହି ଦୁଇ ଯୁବକ ଅଟକି ରହିଥିବା ଏକ ମାଲବାହୀ ଟ୍ରେନ୍ ଉପରକୁ ଚଢ଼ି ସେଲ୍‌ଫି ନେଉଥିଲେ। ଏହି ସମୟରେ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତଳକୁ ଛିଟିକି ପଡିଥିଲେ। ଏଥିରେ ଦୀପକଙ୍କ ଶରୀରର ଅଧିକାଂଶ ଅଂଶ ପୋଡି ଯାଇଛି। ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିକାଶଙ୍କ ଅବସ୍ଥା ଭଲ ଥିବା ଜଣାପଡିଛି।

# ଜିଲା ସାମ୍ବାଦିକ ସମନ୍ୱୟ ସମିତି ଗଠିତ

ନୂଆପଡ଼ା ଅଫିସ,୧୬।୫

ନୂଆପଡା ଜିଲା ଖଡିଆଳ ବ୍ଲକ ସଭାଗୃହଠାରେ ସର୍ବସଂଘୀୟ ସାମ୍ବାଦିକଙ୍କୁ ନେଇ ଜିଲା ସାମ୍ବାଦିକ ସମନ୍ୱିତ ସମିତି ଗଠନ ହୋଇଛି। ବୈଠକରେ ଜିଲାର ଚାରିଟି ସାମ୍ବାଦିକ ସଂଘ କାର୍ଯ୍ୟରତ ଖବରଦାତା ସାମିଲ ହୋଇଥିଲେ। ସର୍ବସମ୍ମତିକ୍ରମେ ବିଜୟ କୁମାର ସହିସଙ୍କୁ ସମିତର ଆବାହକ ଭାବେ ମନୋନୀତ କରାଯାଇଛି। ଖବରଦାତାଙ୍କ ସୁରକ୍ଷା ଓ ଅଧିକାର ଦିଗରେ ସମିତି ବିହିତ କର୍ଯ୍ୟ କରିବାକୁ ନେଇ ନିଷ୍ପତ୍ତି ହୋଇଛି। ଖବରଦାତା ରବିକାନ୍ତ ଠେଲାଙ୍କୁ ଖଡିଆଳ ଥାନା ସମ୍ମୁଖରେ ମରଣାନ୍ତକ ଆକ୍ରମଣକୁ ନିନ୍ଦା କରାଯାଇଛି। ଖଡିଆଳ ପୋଲିସ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେଲେ ଆସନ୍ତା ବୁଧବାର ଶତାଧିକ ଖବରଦାତା ନୂଆପଡା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ ପାଇଁ ନିଷ୍ପତ୍ତି ନିଆଯାଇଛି। ଶେଷରେ ନବ ଗଠିତ ଜିଲା ସାମ୍ବାଦିକ ସମନ୍ୱିତ ସମିତି ଆବାହକ ସହିସ ଆଗାମୀ ଦିନରେ କିଭଳି ସମସ୍ତ ସଂଘ ସହ ସମନ୍ୱୟ ରକ୍ଷା ହୋଇ ପାରିବ ସେ ନେଇ ଧ୍ୟାନ ଦେବି ବୋଲି ପ୍ରକାଶ କରି ଦନ୍ୟବାଦ ଦେଇଥିଲେ।

# ୨ ଧାନ ବୋଝେଇ ଟ୍ରକ୍ ଜବତ



ଜବତ ହୋଇଥିବା ୨ ଧାନ ବୋଝେଇ ଟ୍ରକ୍ ।

## ଛତିଶଗଡ଼ରୁ ବରଗଡ଼କୁ ଆସୁଥିଲା ଧାନ

ବରପାଲି,୧୬।୫(ଡି.ଏନ.ଏ)

ଛତିଶଗଡ଼ରୁ ବରଗଡ଼ ଜିଲା ବରପାଲି ଅଞ୍ଚଳକୁ ଆସୁଥିବା ୨ଟି ଧାନ ବୋଝେଇ ଟ୍ରକ୍‌କୁ ଜିଲା ଯୋଗାଣ ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍ ଜବତ କରିଛି। ଜବତ ଟ୍ରକ୍‌କୁ ବରପାଲିର ଏକ ରାଇସ ମିଲ୍‌ରେ ରଖାଯାଇଛି। ଜବତ ଟ୍ରକ୍‌ଗୁଡ଼ିକର ଡ୍ରାଇଭର ବୋଝେଇ ହୋଇଥିବା ଧାନ ଉପରେ କୌଣସି କାଗଜାତ ଦେଖାଇ ପାରି ନ ଥିଲେ। ଫଳରେ ତାକୁ ଜବତ କରାଯାଇଛି ଏବଂ ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ଦିଆଯାଇଥିବା ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଦାଶରଥି ସୋରେନ କହିଛନ୍ତି। ଛତିଶଗଡ଼ର ସରେଇକେଲା ଅଞ୍ଚଳରୁ ଧାନ ଆସୁଥିଲା। ମାତ୍ର ତାହା କେଉଁ ରାଇସ ମିଲକୁ ଯାଉଥିଲା, ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇ ପାରି ନ ଥିବା ସେ କହିଛନ୍ତି ।

ପ୍ରକାଶ ଯେ, ଶନିବାର ବିଳମ୍ବିତ ରାତିରେ ଛତିଶଗଡ଼ ପଟୁ ବରପାଲି ଦେଇ ଜିଲାକୁ ୨ଟି ଟ୍ରକରେ ଧାନ ଆସୁଥିଲା। ଓଡି୧୭ଜି ୩୫୦୧ ନମ୍ବର ବିଶିଷ୍ଟ ଟ୍ରକ୍‌ରେ ୪୧୨ ପ୍ୟାକେଟ୍ (୧୮୯.୮୦ କୁଇଣ୍ଟାଲ) ଏବଂ ଓଡି୧୭ଇ ୦୭୦୧ ନମ୍ବର ବିଶିଷ୍ଟ ଟ୍ରକ୍‌ରେ ୪୦୩ ପ୍ୟାକେଟ୍ (୧୦୧.୯୦ କୁଇଣ୍ଟାଲ) ଧାନ ରହିଥିଲା । କୌଣସି ସୂତ୍ରରୁ ସୂଚନା ପାଇଁ ଜିଲା ଯୋଗାଣ ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍‌ର ଅଧିକାରୀମାନେ ସେହି ଟ୍ରକ୍ ଧରିବା ପାଇଁ ଛପି ରହିଥିଲେ ଏବଂ ବରପାଲି ବ୍ଲକ ବନ୍ଧପାଲି ନିକଟରେ ଟ୍ରକ୍ ଦୁଇଟି ଧରାପଡ଼ିଥିଲା। ଟ୍ରକ ଦୁଇଟିକୁ ପ୍ରଥମେ ବରପାଲି ଥାନାକୁ ଅଣାଯାଇଥିଲା ଏବଂ ପରେ ସ୍ଥାନୀୟ ଏକ ରାଇସ ମିଲକୁ ପଠାଯାଇଥିଲା। ରବିବାର ସେଥିରେ ବୋଝେଇ ହୋଇଥିବା ଧାନ ପରିମାଣ ଆକଳନ କରାଯାଇଥିଲା। ଟ୍ରକ ଡ୍ରାଇଭର ବିଟୁ ସାହୁ, କୁଲମଣି ପ୍ରଧାନ ସେହି ଟ୍ରକରେ ବୋଝେଇ ହୋଇଥିବା ଧାନ ସମ୍ପର୍କୀତ କୌଣସି କାଗଜାତ ଦେଖାଇ ପାରି ନ ଥିଲେ। ଜିଲା ଯୋଗାଣ ବିଭାଗ ସ୍କ୍ୱାଡ୍‌ର ଅଧିକାରୀ ସଞ୍ଜୁ ପ୍ରଧାନ, ରଞ୍ଜନ ନାୟକ, ଅଜୟ କେର୍କେଟ୍ଟା, ଅଶୋକ ସାହୁ, ବରୁଣ ଦଲେଇ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

# ଯୁବତୀଙ୍କୁ ଶାରୀରିକ ନିର୍ଯାତନା, ଅଭିଯୁକ୍ତ ଗିରଫ

ଜୁନାଗଡ,୧୬।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳର ଯୁବତୀଙ୍କୁ ଜଣେ ଯୁବକ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ନିର୍ଯାତନା ଦେଉଥିବା ଅଭିଯୋଗରେ ପୋଲିସ ନିତୁ ନାଏକ ନାମକ ଯୁବକଙ୍କୁ ଗିରଫ କରିଛି। ସୋମବାର ତାଙ୍କୁ ସ୍ଥାନୀୟ ଜେଏମ୍‌ଏଫସି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଗତ ଫେବୃୟାରୀ ୧୧ ତାରିଖ ରାତି ୧୦ଟାରେ ଯୁବତୀ ଜଣକ ତାଙ୍କ ମା' ସହିତ ଘରେ ଥିଲେ। ଏହି ସମୟରେ ପରିସ୍ରା ପାଇଁ ସେ ବାହାରକୁ ଯାଇଥିଲେ। ସେହି ସମୟରେ ହଠାତ୍ ନିତୁ ସମ୍ପୃକ୍ତା ଯୁବତୀଙ୍କ ପାଟିକୁ ଗାମୁଛାରେ ବନ୍ଦ କରି ଏକ କାରରେ ବସାଇ ଭୁବନେଶ୍ୱର ନେଇଯାଇଥିଲେ। ସେଠାରେ ଯୁବତୀଙ୍କ ୨ ମାସ ଧରି ଶାରୀରିକ ନିର୍ଯାତନା ଦେଇଥିଲେ। ଯୁବତୀ ଜଣକ ଅନ୍ୟ ଜାତିର ହୋଇଥିବାରୁ ମୁଁ ତତେ ଗ୍ରହଣ କରିପାରିବିନି ବୋଲି ଯୁବକ ଜଣକ କହିବା ସହ ଏ କଥା କାହାରିକୁ ପ୍ରଘଟ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପରେ ଯୁବତୀଙ୍କୁ ଗାଁକୁ ନେଇ ସେ ଛାଡିଦେଇଥିଲେ। ଏ ନେଇ ଯୁବତୀ ଜୁନାଗଡ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୭୨/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହାପରେ ନିତୁଙ୍କୁ ରବିବାର ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ତାଙ୍କ ବିରୋଧରେ ଆଇପିସି ୩୬୬/୩୭୬(୨) (ଏନ୍), ୩୪୪/୫୦୬, ଏସ୍‌ସି/ଏସ୍‌ଟି ଏଟ୍ରୋସିଟି ଆକ୍ଟ ଲଗାଯାଇଛି।

# ରାସ୍ତା, ଡ୍ରେନ ନିର୍ମାଣ ଦାବିରେ ରାସ୍ତାରୋକୋ

## ୨୦ ଦିନ ମଧ୍ୟରେ ରାସ୍ତା କାମ ସାରିବା ପାଇଁ ପ୍ରତିଶ୍ରୁତି

ବୌଦ୍ଧ,୧୬।୫(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ସାହି ରାସ୍ତା ଅତି ଶୋଚନୀୟ ହୋଇପଡିଛି। ଏହି ରାସ୍ତା ସହ ଡ୍ରେନ ନିର୍ମାଣ ଦାବିରେ ସୋମବାର ପୁରୁଣାକଟକ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ପୁରୁଣାକଟକ ଧଳପୁର ରାସ୍ତା ଅବରୋଧ କରାଯାଇଥିଲା। ସକାଳ ୬ଟାରୁ ପରିଷଦର ସମ୍ପାଦକ ବିକାଶ ମହାକୁଡ ଓ ଉପ ସଭାପତି ଲବ କୁମାର ପ୍ରଧାନଙ୍କ ନେତୃତ୍ୱରେ ଆନ୍ଦୋଳନକାରୀ ମାନେ ଧଳପୁର ଛକ ଠାରେ ରାସ୍ତାରେ ବସି ରହିଥିଲେ। ଏ ନେଇ ବହୁବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବାରୁ ରାସ୍ତାରୋକୋ କରାଯାଇଥିଲା। ରାସ୍ତା ରୋକୋ ସମୟରେ ଆନ୍ଦୋଳନକାରୀମାନେ କେବଳ ସରକାରୀ କର୍ମଚାରୀଙ୍କ ଗାଡି



ଆନ୍ଦୋଳନକାରୀମାନେ ରାସ୍ତା ଉପରେ ବସି ରହିଛନ୍ତି ।

ଓ ସରକାରୀ କାର୍ଯ୍ୟରେ ନିୟୋଜିତ ଗାଡିଗୁଡିକୁ ଅଟକାଇ ରଖିଥିଲେ। ଖବରପାଇ ହରଭଙ୍ଗା ତହସିଲଦାର ଶମ୍ଭୁ ଭୂଷଣ ମିଶ୍ର , ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ନିରଞ୍ଜନ ଧଳ ଓ ପୁରୁଣାକଟକ ଥାନା ଅଧିକାରୀ ଜ୍ୟୋତ୍ସ୍ନା କାଉଁରୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ୨୦ ଦିନ ମଧ୍ୟରେ ରାସ୍ତା କାମ ଓ ଡ୍ରେନ ନିର୍ମାଣ କାର୍ଯ୍ୟ ସାରିବା ନେଇ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ରାସ୍ତାରୋକୋରେ ପୁରୁଣାକଟକ ସରପଞ୍ଚ ଅଶୋକ ସେଠୀ, ସମିତି ସଭ୍ୟ ସରୋଜ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ଅକ୍ରୁର ସେଠୀ, ପୁରୁଣାକଟକ ବ୍ୟବସାୟୀ ସଂଘ ସଭାପତି ଅଜିତ ଦେହୁରୀ, ଭୈରବୀ ମନ୍ଦିର ପରିଚାଳନା କମିଟି ସଭାପତି ସୁରେନ ପ୍ରଧାନ, କୈଳାଶ ଅଗ୍ରୱାଲା, ଅମୁଲ୍ୟ ମିଶ୍ର, ସୁକାନ୍ତ ପଟ୍ଟନାୟକ, ରାମଚନ୍ଦ୍ର ବେହେରା, ବବଲୁ ସାହୁ, ଜ୍ୟୋତି ପ୍ରକାଶ ସାହୁ, ପଞ୍ଚାନନ ହୋତା, ଆଲୋକ ପ୍ରଧାନ, ଗରୁଡ ପ୍ରଧାନ ଓ ସାହି ବାସିନ୍ଦା ସାମିଲ ଥିଲେ। ପ୍ରଶାସନ ପ୍ରତିଶ୍ରୁତି ଅନୁଯାୟୀ କାମ ନ କରେ ଆଗାମୀ ଦିନରେ ସରକାରୀ ଅନୁଷ୍ଠାନରେ ତାଲା ପକାଇବା ସହ ଆନ୍ଦୋଳନ ଜୋର ଦାର କରାଯିବ ବୋଲି ଆଞ୍ଚଳିକ ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଆଇପିଏଲ କ୍ରିକେଟ ବେଟିଂରେ ଚଢ଼ାଉ, ଜଣେ ଗିରଫ

## ୭୦ ହଜାର ଟଙ୍କା, ୮ ମୋବାଇଲ, କାର ଜବତ

ଭବାନୀପାଟଣା,୧୬।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଧର୍ମଗଡ ସହରରେ ସୋମବାର ଅପରାହ୍ନରେ ଏକ ଆଇପିଏଲ କ୍ରିକେଟ ବେଟିଂ ଉପରେ ସ୍ଥାନୀୟ ପୋଲିସ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ଗିରଫ ଯୁବକ ନାମ ହେଲା ରାକେଶ ରଞ୍ଜନ ଚୌଧୁରୀ। ମଙ୍ଗଳବାର ରାକେଶଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଧର୍ମଗଡ ଥାନାଧିକାରୀ ଦୀପାଞ୍ଜଳୀ ପ୍ରଧାନ ସୂଚନା ଦେଇଛନ୍ତି। ସହରର କେନ୍ଦୁମୁଣ୍ଡିପଡାରେ ଆଇପିଏଲ



ଅଭିଯୁକ୍ତ ରାକେଶଙ୍କ ସହ ଜବତ ଟଙ୍କା ଓ ମୋବାଇଲ।

ବେଟିଂ ଚାଲିଥିବା ଖବର ପାଇ ଧର୍ମଗଡ ପୋଲିସ ଚଢାଉ କରିଥିଲା। ଏଥିରେ ସମ୍ପୃକ୍ତ ରାକେଶଙ୍କୁ ପୋଲିସ ଗିରଫ କରିଥିଲା। ରାକେଶଙ୍କଠାରୁ ନଗଦ ୭୦ ହଜାର ଟଙ୍କା, ୭ଟି ମୋବାଇଲ ଫୋନ୍, ଲାପଟପ୍, ଟଙ୍କାଗଣା ମେଶିନ, କାର ସହ ଏହି ସମ୍ପର୍କିତ ବହୁତ କାଗଜପତ୍ର ଜବତ କରିଛି ପୋଲିସ। ଏ ନେଇ ଧର୍ମଗଡ ଥାନାରେ ଏକ ମାମଲା (ନଂ.୧୧୬/୨୨) ରୁଜୁ ହୋଇଛି। ଧର୍ମଗଡ ଡିଏସିପି ଧିରଜ କୁମାର ଚୋପଦାରଙ୍କ ନେତୃତ୍ୱରେ ହୋଇଥିବା ଚଢ଼ାଉରେ ଆଇଆଇସି ଦୀପାଞ୍ଜଳୀଙ୍କ ସମେତ ପୋଲିସ ଟିମ୍ ସାମିଲ ଥିଲେ।

# ବିନିକା: ଧାନମଣ୍ଡି ଉଦ୍‌ଘାଟିତ

ବିନିକା,୧୬।୫(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ପାକ୍ସ ଓ ତୁଳସୀ ସ୍ୱୟଂ ସହାୟକ ମହିଳା ସମୂହର ପକ୍ଷରୁ ସୋମବାର ସହରାଞ୍ଚଳ ଚାଷୀଙ୍କଠାରୁ ରବିଧାନ କିଣା ପ୍ରକ୍ରିୟାର ଶୁଭାରମ୍ଭ ହୋଇଛି । ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ବିନିକା ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନ ବିନିକା ପାକ୍ସରେ ଜଣେ ଚାଷୀଙ୍କ ପାଖରୁ ୧୦୫ ପ୍ୟାକେଟ(୪୪କୁଇଣ୍ଟାଲ ୯୫କେଜି) ଧାନ କିଣାଯାଇଛି। ତୁଳସୀ ମହିଳା ସମୂହ ୩ ଚାଷୀଙ୍କ ପାଖରୁ ୧୫୦ ପ୍ୟାକେଟ (୬୪କୁଇଣ୍ଟାଲ ୮୫କେଜି) ଧାନ କିଣାଯାଇଛି । ଉଦ୍‌ଘାଟନୀ ଏବଂ ଧାନକିଣା ଶୁଭାରମ୍ଭ ଅବସରରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ, ଅତିରିକ୍ତ ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ, ଲଳିତ ମୋହନ ପଟ୍ଟନାୟକ, ବିନିକା ବିଡିଓ ବ୍ୟାସଦେବ ବେହେରା, ତହସଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ, ବିନିକା ପାକ୍ସ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ, ମାର୍କେଟ ୟାର୍ଡ ଇନଚାର୍ଜ ଶରତ ଚନ୍ଦ୍ର ତ୍ରିପାଠୀ, ତୁଳସୀ ମହିଳା ଗ୍ରୁପ ସଦସ୍ୟାମାନେ ଉପସ୍ଥିତ ଥିଲେ। ସେହିଭଳି ବିନିକା ଗ୍ରାମାଞ୍ଚଳର ୯ ଓ ୬ ମହିଳା ଗ୍ରୁପ ପକ୍ଷରୁ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି।



ଅତିରିକ୍ତ ଜିଲାପାଳ ଧାନମଣ୍ଡି ଉଦ୍‌ଘାଟନ କରୁଛନ୍ତି।

# ବରପାଲି, ଗୋବିନ୍ଦପାଲି ବିଜୟୀ

## ଆନନ୍ଦ ଆଚାର୍ଯ୍ୟ ଦିବାରାତ୍ର ପ୍ରିମିୟର ଲିଗ୍ ଫୁଟବଲ

ବରଗଡ଼ ଅଫିସ୍,୧୬।୫

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ସୋମବାର ଆନନ୍ଦ ଆଚାର୍ଯ୍ୟ ଦିବାରାତ୍ର ପ୍ରିମିୟର ଲିଗ୍ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ୟୁନାଇଟେଡ୍ ସ୍ପୋର୍ଟ୍‌ସ କ୍ଲବ ଦ୍ୱାରା ଆୟୋଜିତ ଉକ୍ତ ପ୍ରତିଯୋଗିତାକୁ ବରଗଡ଼ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କ୍ଲବର ସମ୍ପାଦକ ଅତୀଶ ପଣ୍ଡା ଏବଂ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ପ୍ରତିଯୋଗିତାର ପ୍ରାୟୋଜକ ଓଡ଼ିଶା ଏଣ୍ଟରପ୍ରାଇଜେସ୍‌ର ମୁଖ୍ୟ ଚନ୍ଦ୍ରଶେଖର ବାଗ, ସମ୍ବିତ ଆଚାର୍ଯ୍ୟ, ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ଉପସଭାପତି ରବି ପଣ୍ଡା, ଜିଲା କ୍ରୀଡ଼ା ସଂସଦ ଉପସଭାପତି ଯୁଗଳ ପ୍ରସାଦ ସିଂ, ସାଧାରଣ ସମ୍ପାଦକ କିଶୋର ମିଶ୍ର, ଅନ୍ୟତମ ପ୍ରାୟୋଜକ ସୁମନ ଷ୍କିଲ୍‌ର ସ୍ୱତ୍ତ୍ୱାଧିକାରୀ ଦିଲୀପ ସାଓଡ଼ିଆ, ୟୁନାଇଟେଡ୍ କ୍ଲବର ପୂର୍ବତନ ସଭାପତି ଅଶୋକ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଆୟୋଜକଙ୍କ ମଧ୍ୟରେ ୟୁନାଇଟେଡ୍ କ୍ଲବର ସଦସ୍ୟ




ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

ତଥା ଜିଲା କ୍ରୀଡ଼ା ସଂସଦର ଫୁଟବଲ ସମ୍ପାଦକ ଶେଖ୍ ସବଦର, ସୁରେଶ ଦାଶ, ପ୍ରତାପ ଦାଶ, ଗିରିଜା ପ୍ରସାଦ ନାଥ, ପ୍ରଦୀପ ନନ୍ଦ, ଜ୍ଞାନରଞ୍ଜନ ପୂଜାରୀ, ରୁଦ୍ର ସାହୁ, ସୁନୀଲ ବାଗ, ମୋହନ କିଙ୍ଗ୍, ଅମିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ବୋଡ଼ାସମ୍ବର ଏଫ୍‌ସି ଏବଂ ବରପାଲି ବାଏସନ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ହୋଇଥିଲା। ଏଥିରେ ବରପାଲି ୧–୦ ଗୋଲରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଅଂଶୁମାନ ଛତ୍ରିଆ ଗୋଲ ସ୍କୋର କରିଥିଲେ। ଫାଓ ରେଫରୀ ସୁବ୍ରତ ପୁରୋହିତ ମ୍ୟାଚ୍ ପରିଚାଳନା କରିଥିବାବେଳେ ଲାଇନରେ ଅରୁଣ ନାୟକ, ପଞ୍ଚାନନ ପାତ୍ର ସହଯୋଗ କରିଥିଲେ। ନିରଞ୍ଜନ ମହାକୁର ଚତୁର୍ଥ ରେଫରୀ ଥିଲେ। ପରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅନିଲ ଜିନ୍ଦଲ, ସୁଶାନ୍ତ ବେହେରା ଅତିଥି ଭାବେ ଯୋଗଦେଇ ଅଂଶୁ ଛତ୍ରିଆଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ବିତରଣ କରିଥିଲେ। ସେହିପରି ରେଲୱେ ଏଫ୍‌ସି ଏବଂ ଗୋବିନ୍ଦପାଲି ଏସ୍‌ଏସ୍‌ୱାଇଏସ୍ କ୍ଲବ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ଏଥିରେ ଗୋବିନ୍ଦପାଲି ୧–୦ ଗୋଲରେ ବିଜୟୀ ହୋଇଥିଲା। ଜାତୀୟ ରେଫରୀ ଆଶୀର୍ବାଦ କାନୁନ୍‌ଗୋ ମ୍ୟାଚ୍ ପରିଚାଳନା କରିଥିଲେ। ଲାଇନରେ ସୁବ୍ରତ ପୁରୋହିତ, ପ୍ରଶାନ୍ତ ପ୍ରଧାନ ସହଯୋଗ କରିଥିଲେ। ଶୁଭମ ପାତ୍ର ଚତୁର୍ଥ ରେଫରୀ ଥିଲେ।

## ସୁନା ଦୋକାନରୁ ଝାମ୍ପି ନେଲେ ସୁନା ଚେନ

ରେଙ୍ଗାଲି,(ଡି.ଏନ.ଏ.): ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ରେଙ୍ଗାଲି ମହାବୀର ଛକ ନିକଟ ଏକ ସୁନା ଦୋକାନରୁ ଜଣେ ଦୁର୍ବୃତ୍ତ ୪ଟି ସୁନା ଚେନ ଝାମ୍ପି ନେଇ ଫେରାର ହୋଇ ଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ସୋମବାର ରାତି ୮ଟା ସମୟରେ ମହାବୀର ଛକରେ ଥିବା ଲିଜା ଜୁଏଲର୍ସକୁ ଜଣେ ଯୁବକ ଆସି ସୁନା ଚେନ ଦେଖାଇବାକୁ କହିଥିଲେ। ଦୋକାନୀ ସୁନା ଚେନ ଦେଖାଇବାକୁ ବାହାର କରିବା ସମୟରେ ଯୁବକ ଜଣକ ତାଙ୍କ ହାତରୁ ୪ଟି ଚେନ ଧରି ଦୌଡ଼ି ପଳାଇଥିଲେ। ଏହି ସମୟରେ ଦୋକାନ ବାହାରେ ବାଇକ୍ ଧରି ଅପେକ୍ଷା କରିଥିବା ଯୁବକଙ୍କ ସହ ଦୁର୍ବୃତ୍ତ ଜଣକ ଫେରାର ହୋଇଯାଇଥିଲେ।

## ସଂକ୍ଷେପରେ

### ବୁଢ଼ାଦେଓ, ପାଟଣେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ




**ଲୋଇସିଂହା,୧୬।୫ (ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ଗ୍ରାମରେ ନବନିର୍ମିତ ବୁଢ଼ାଦେଓ ମନ୍ଦିର ଓ ପାଟଣେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ଦିବସରେ ଦେବତାଙ୍କ ମନ୍ଦିର ପ୍ରବେଶ, ଯଜ୍ଞ ପୂର୍ଣ୍ଣାହୁତି ଓ ନଗର ପରିକ୍ରମା ଆଦି କାର୍ଯ୍ୟ ହୋଇଥିଲା।। ମହୋତ୍ସବ ଅବସରରେ ରାମଚରିତ ମାନସ ପାରାୟଣ ଓ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ରବିବାର ତୃତୀୟ ସନ୍ଧ୍ୟାରେ ଆୟୋଜିତ ସଭାରେ ବିଧାୟକ ମୁକେଶ ମହାଲିଙ୍ଗ ଅଧ୍ୟକ୍ଷତା କରିଥିଲେ। ଏଥିରେ ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଗୋଣ୍ଡୱାନା ଗୋଣ୍ଡ ମହାସଭାର ରାଷ୍ଟ୍ରୀୟ ସଦସ୍ୟ ଗଣେଶ ରାମ ମାଝି, ମହାସଚିବ ରାମଚନ୍ଦ୍ର ଧରୁଆ, ଅଧ୍ୟାପକ କୌତୁକ ପନ୍ଦର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ।

### ରେଳ ଉପଭୋକ୍ତା ସଂଘ ସମନ୍ୱୟ ବୈଠକ

**ବରଗଡ଼ ଅଫିସ୍,୧୬।୫:** ବରଗଡ଼ ଓ ବଲାଙ୍ଗୀର ଜିଲାର ରେଳ ସମ୍ପର୍କିତ ସମସ୍ୟାକୁ ନେଇ ସୋମବାର ଉଭୟ ଜିଲାର ରେଳ ଉପଭୋକ୍ତା ସଂଘର ପଦାଧିକାରୀମାନଙ୍କ ବୈଠକ ବରଗଡ଼ରେ ଅନୁଷ୍ଠିତ ହୋଇଥିଲା। ବରଗଡ଼ ରେଳ ଉପଭୋକ୍ତା ସଂଘ ସଭାପତି ପ୍ରଦୀପ ଦେବତା, ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରୀତମ ସିଂ, ଇନ୍ଦିରା ମହାନ୍ତି, ସମ୍ପାଦକ କମଳ ଯୋଷୀ, ଯୁଗ୍ମ ସମ୍ପାଦକ କିଶୋର କୁମାର ରଥ, ବଲାଙ୍ଗୀର ରେଳ ଉପଭୋକ୍ତା ସଂଘ ସଭାପତି ତରୁଣ କୁମାର ମିଶ୍ର, ସମ୍ପାଦକ ନାରାୟଣ ପାଢ଼ୀ, ଯୁଗ୍ମ ସମ୍ପାଦକ ଦିବାକର ହୋତା ପ୍ରମୁଖ ବୈଠକରେ ଅଂଶଗ୍ରହଣ କରିଥିଲେ। ସମ୍ବଲପୁର-ପୁରୀ ଟ୍ରେନ୍‌କୁ ୨ ର୍ୟାକ୍ ବିଶିଷ୍ଟ କରିବା ତଥା ପୁରୀରେ ରକ୍ଷଣାବେକ୍ଷଣ କରି ବଲାଙ୍ଗୀର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା, ସପ୍ତାହରେ ୩ଦିନ ଚାଲୁଥିବା ହୀରାକୁଦ ଏକ୍ସପ୍ରେସକୁ ଅବଶିଷ୍ଟ ୪ ଦିନ ଟିଟିଲାଗଡ଼ ଓ ସମ୍ବଲପୁର ଦେଇ ଚଲାଇବା, ସମ୍ବଲପୁର-ଜାମ୍ମୁତାୱି ଏକ୍ସପ୍ରେସକୁ ରାୟଗଡ଼ା ପର୍ଯ୍ୟନ୍ତ ସମ୍ପ୍ରସାରଣ ଏବଂ ବିଳାସପୁରରେ ସାରନାଥ ଏକ୍ସପ୍ରେସ ସହିତ ଲିଙ୍କ୍ କରିବାକୁ ବିଳାସପୁରରୁ ଝାରସୁଗୁଡ଼ା ଦେଇ ଟିଟିଲାଗଡ଼ ପର୍ଯ୍ୟନ୍ତ ଏକ ଇଣ୍ଟରସିଟି ଏକ୍ସପ୍ରେସ ଚଲାଇବା ଦାବି ଉପରେ ଆଲୋଚନା ହୋଇଥିଲା। ଏହି ସମନ୍ୱୟ ସମିତିରେ ପଶ୍ଚିମ ଓଡ଼ିଶାର ଅନ୍ୟ ଅଞ୍ଚଳକୁ ସାମିଲ କରିବା ସହିତ ଦାବି ସମୂହ ନେଇ ରେଳ କର୍ତ୍ତୃପକ୍ଷଙ୍କ ଉପରେ ଚାପ ପ୍ରୟୋଗ କରିବାକୁ ମତପ୍ରକାଶ ପାଇଥିଲା।

### ରାଣିମୁହାଁସରେ ଅନ୍ନ, ଜଳଛତ୍ର

**ନୂଆପଡ଼ା ଅଫିସ,୧୬।୫:** ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଖୋଲିଗାଁ ରାଣିମୁହାଁସଠାରେ ସାମାଜିକ କର୍ମୀ ଜ୍ଞାନେଶ୍ୱର ମାଝିଙ୍କ ନେତୃତ୍ୱରେ ଅନ୍ନଛତ୍ର ଓ ଜଳଛତ୍ର ଖୋଲାଯାଇଥିଲା। ରାଣିମୁହାଁସଠାରେ ଚାଲିଥିବା ବୈଶାଖ ମେଳାରେ ଲୋକଙ୍କ ପାଇଁ ଏହି ଅନ୍ନଛତ୍ର ଖୋଲାଯାଇଥିଲା। ମାଘ ପଞ୍ଚମୀରୁ ସମସ୍ତମୀ ଓ ବୈଶାଖ ପୂର୍ଣ୍ଣିମାରେ ତିନି ଦିନ ମେଳା ସମୟରେ ଅନ୍ନଛତ୍ର ଖୋଲାଯାଇଥିଲା। ପାହାଡିଆ ଅଞ୍ଚଳ ହୋଇଥିବାରୁ ସେଠାରେ ହୋଟେଲ, ବଜାର ବ୍ୟବସ୍ଥା ନ ଥିବାରୁ ଲୋକେ ଅନ୍ନଛତ୍ର ଉପରେ ଭରସା କରିଥାନ୍ତି। ଝଗ୍ରାହୀ ସରପଞ୍ଚ ଯମୁଲାଲ ଧରୁଆ, କ୍ଷୀରସିନ୍ଧୁ ଭୋଇ, ନାରାୟଣ ମାଜି, ପୂର୍ଣ୍ଣଚନ୍ଦ୍ର ମାଝି, ଜୟ ପ୍ରକାଶ ମାଝି, ଦର୍ଲିପଡା ସମିତି ସଭ୍ୟା, ଢୋର୍ଲାମୁଣ୍ଡା, ଦେଓଦରାହା, ରଜନା ସରପଞ୍ଚ ଅନ୍ନଛତ୍ର ଓ ଜଳଛତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲା

**ବରଗଡ଼ ଅଫିସ୍,୧୬।୫:** ବରଗଡ଼ ସରକାରୀ ବସ୍‌ଷ୍ଟାଣ୍ଡ ପରିସରରେ ଥିବା ପାନୀୟଜଳ ପ୍ରକଳ୍ପ ସୋମବାର କାର୍ଯ୍ୟକ୍ଷମ ହୋଇଛି। ଏହି ପ୍ରକଳ୍ପ ଅଚଳ ଥିବାରୁ ଏଠାକୁ ଆସୁଥିବା ଯାତ୍ରୀମାନେ ହଟହଟା ହେଉଥିଲେ। ଏ ନେଇ ସୋମବାର ଧରିତ୍ରୀରେ 'ପାନୀୟଜଳ ପାଇଁ ହଟହଟା' ଶୀର୍ଷକରେ ଏକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶନ ପରେ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ତତ୍ପରତା ପ୍ରକାଶ ପାଇଥିଲା ଏବଂ ତାହା ମରାମତି ହୋଇଥିଲା।

# ହରିଶଙ୍କରର ବୈଶାଖ ମେଳା ଉଦ୍ଯାପିତ

**ମହୋତ୍ସବକୁ ରାଜ୍ୟ ସ୍ତରୀୟ କରିବାକୁ ଉଦ୍ୟମ ହେଉଛି**

ଖପ୍ରାଖୋଲ, ୧୬।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରରେଆୟୋଜିତ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ସୋମବାର ଉଦ୍ଯାପିତ ହୋଇଯାଇଛି । ମନ୍ଦିର ପରିସରରେ ଆୟୋଜିତ ହୋମ ଯଜ୍ଞ ଅପରାହ୍ନରେ ପୂର୍ଣ୍ଣାହୂତି ହୋଇଥିଲା। ସେହିପରି ମନ୍ଦିରରେ ସତନ୍ତ୍ର ପୂର୍ଣ୍ଣିମା ଭୋଗ ଲାଗି କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ମହୋତ୍ସବର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲାପାଳ ଚଞ୍ଚଳ ରାଣା ଯୋଗଦେଇ ହରିଶଙ୍କର ନୃସିଂହନାଥ ଏବଂ ଗନ୍ଧମାର୍ଦ୍ଦନ ପାହାଡ଼ର ପୌରାଣିକ, ଐତିହାସିକ ଓ କିମ୍ବଦନ୍ତୀ ନେଇ ଅଲୋକପାତ କରିଥିଲେ।


ଉଦ୍ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ଏହାସହ ଏହି କ୍ଷେତ୍ରର ବିକାଶ କରିବା ପାଇଁ ରାଜ୍ୟ ସରକାରଙ୍କ ଅନୁଦାନ ସମ୍ପର୍କରେ କହିଥିଲେ। ମହୋତ୍ସବକୁ ରାଜ୍ୟସ୍ତରୀୟ କରିବା ପାଇଁ କହିଥିଲେ। ସମ୍ମାନିତ ଅତିଥିଭାବେ ଏସ୍‌ପି ନୀତିନ କୁସଲକର, ଡିଏଫଓ ନୀତିଶ କୁମାର ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ପାଟଣାଗଡ଼ ଉପଜିଲାପାଳ ଡ଼. ବିଜୟାନନ୍ଦ ସେଠୀ। ଅଧାପକ ବଳଭଦ୍ର ଦାଶ ସଭା ସଂଯୋଜନା କରିଥିଲେ। ଦେବୋତ୍ତର କମିଟି ସଦସ୍ୟ ଅଭୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ତିମ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।

# ବୁଦ୍ଧମୂର୍ତ୍ତି, ବୁଦ୍ଧବନମ୍ ଉଦ୍‌ଘାଟିତ

ବରଗଡ଼ ଅଫିସ୍,୧୬।୫

ବରଗଡ଼ ବିଦ୍ୟା ବିହାର ସ୍ଥିତ ଇମ୍ପେରିୟଲ କଲେଜଠାରେ ସୋମବାର ବୁଦ୍ଧ ପୂର୍ଣ୍ଣିମା ଅବସରରେ ବୁଦ୍ଧ ପ୍ରତିମୂର୍ତ୍ତି ଏବଂ ବୁଦ୍ଧବନମ୍ ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଭୁଟାନର ବୌଦ୍ଧ ଧର୍ମଗୁରୁ ଦାୱା ଦ୍ରାକପା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନୀ କାର୍ଯ୍ୟ ସମାପନ କରିଥିଲେ। ଏହାସହିତ ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ ମାଧ୍ୟମରେ ବୌଦ୍ଧ ଧର୍ମର ବିଭିନ୍ନ ନୀତିଶିକ୍ଷା ବିଷୟରେ ସୂଚନା ପ୍ରଦାନ କରିଥିଲେ। କଲେଜର ଚେୟାରମ୍ୟାନ ଦୀପକ ଗୋୟଲ, ଅଧ୍ୟକ୍ଷ ଦୁର୍ଗେଶ ଶତପଥୀଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କଲେଜ ପରିସରରେ ରହିଥିବା ବୁଦ୍ଧମୂର୍ତ୍ତିର ଚତୁଃପାର୍ଶ୍ୱରେ ପ୍ରକୃତିର ୫ଟି ତତ୍ତ୍ୱକୁ ନେଇ ଚାଲିବା ପାଇଁ ରାସ୍ତା ନିର୍ମାଣ କରାଯାଇଛି। ସେହିପରି ଆସନ୍ତା ମାସରୁ ବୁଦ୍ଧବନମ୍‌ଠାରେ ଧ୍ୟାନ ଶିବିର ଅନୁଷ୍ଠିତ ହେବ ବୋଲି ଇମ୍ପେରିୟଲ କଲେଜ ପକ୍ଷରୁ ସୂଚନା ଦିଆଯାଇଛି।


ଇମ୍ପେରିୟଲ କଲେଜରେ ଉଦ୍‌ଘାଟିତ ବୁଦ୍ଧମୂର୍ତ୍ତି ଓ ବୁଦ୍ଧବନମ୍।

# ତାଲୁକ ଆଇନ ସେବା କମିଟିରେ ପକ୍ଷ ରଖିଲେ ଦିବ୍ୟାଙ୍ଗ ଅମିତ୍

ବଲାଙ୍ଗୀର ଅଫିସ/ କଣ୍ଟାବାଞ୍ଜି, ୧୬।୫(ଡି.ଏନ.ଏ.)

**ରାଷ୍ଟ୍ରପତିଙ୍କୁ ଇଚ୍ଛାମୃତ୍ୟୁ ମାଗିବା ପ୍ରସଙ୍ଗ**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରର ଦିବ୍ୟାଙ୍ଗ ଅମିତ କୁମାର ଜୈନଙ୍କ ପୈତୃକ ଜମିକୁ କେତେକ କବ୍‌ଜା କରିଥିବା ନେଇ ସେ ଅଭିଯୋଗ କରିଥିଲେ। ଏନେଇ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସେ ବାରମ୍ବାର ଦୃଷ୍ଟି ଆକର୍ଷଣ କରି ନ୍ୟାୟ ଭିକ୍ଷା କରିଥିଲେ। ତେବେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯିବାରୁ ଅମିତ୍ ଶେଷରେ ଭାରତର ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରି ଇଚ୍ଛାମୃତ୍ୟୁ ଆଦେଶ ପ୍ରଦାନ କରିବାକୁ ଅନୁରୋଧ ଜଣାଇଥିଲେ। ଏ ସଂକ୍ରାନ୍ତରେ ଅମିତ୍ ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ମଧ ଦୃଷ୍ଟି ଆକର୍ଷଣ କରିଥିଲେ। ଘଟଣା ସମ୍ପର୍କରେ ରାଜ୍ୟ ଆଇନ ସେବା ପ୍ରାଧିକରଣ ଏବଂ ଜିଲା ଆଇନ ସେବା ପ୍ରାଧିକରଣକୁ ମଧ ଜଣାଇଥିଲେ। ଏହି ଘଟଣାକୁ ନେଇ କଣ୍ଟାବାଞ୍ଜି ତାଲୁକ ଆଇନ ସେବା କମିଟି ସୋମବାର ବିଭିନ୍ନ ପକ୍ଷଙ୍କୁ ଡାକି ନିଜସ୍ୱ ମତ ରଖିବାକୁ ଅନୁରୋଧ କରିଥିଲେ। ଦିବ୍ୟାଙ୍ଗ ଅମିତ୍ କୁମାର ଜୈନ୍ ସୋମବାର ତାଲୁକ ଆଇନ ସେବା କମିଟିକୁ ଯାଇ ନିଜର ପକ୍ଷ ରଖିଥିଲେ। ଏଠାରେ ବିଭିନ୍ନ ଅଧିକାରୀ ଏବଂ କଣ୍ଟାବାଞ୍ଜି ତାଲୁକ ଆଇନ ସେବା କମିଟି ଅଧକ୍ଷ ଉପସ୍ଥିତ ଥିଲେ। ତୁରନ୍ତ ଅମିତ୍‌ଙ୍କୁ ନ୍ୟାୟ ପ୍ରଦାନ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଅମିତ୍ ଜୈନ୍ ତାଲିକ ଆଇନ ସେବା କମିଟିର ଆଲୋଚନାରେ ସନ୍ତୋଷବ୍ୟକ୍ତ କରି ତାଙ୍କୁ ଶୀଘ୍ର ନ୍ୟାୟ ମିଳିବ ବୋଲି ଆଶାବ୍ୟକ୍ତ କରିଛନ୍ତି। ଏହିଅବସରରେ ସେ ଗଣମାଧମ ପ୍ରତିନିଧିଙ୍କୁ ନ୍ୟାୟ ମିଳିବାରେ ବିଳମ୍ବ ଯୋଗୁଁ ସେ ରାଷ୍ଟ୍ରପତିଙ୍କୁ ଇଚ୍ଛାମୃତ୍ୟୁ ପ୍ରଦାନ ଆଦେଶ କରିବାକୁ ନିବେଦନ କରିଥିବା କହିଥିଲେ।

# ରାଣିମୁହାଁସରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

ନୂଆପଡ଼ା ଅଫିସ,୧୬।୫

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟ ଖୋଲିଗାଁରେ ଥିବା ରାଣିମୁହାଁସଠାରେ ୩ ଦିନ ଧରି ଚାଲିଥିବା ବୈଶାଖ ମେଳା ସୋମବାର ଉଦ୍ଯାପିତ ହୋଇଯାଇଛି। ବଣପାହାଡ ଭିତରେ ଥିବା ରାଣିମୁହାଁସର ଗୁପ୍ତଗଙ୍ଗାରେ ବୁଡ ପକାଇବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଆସିଥାନ୍ତି। କରୋନା ଯୋଗୁ ଦୁଇ ବର୍ଷ ବନ୍ଦ ରହିଥିଲା। ଚଳିତବର୍ଷ ବୈଶାଖ ମେଳାକୁ ନୂଆପଡା, ବଲାଙ୍ଗୀର, ବରଗଡ, କଳାହାଣ୍ଡି ଜିଲା ସମେତ ଛତିଶଗଡର ଲୋକେ ଦର୍ଶନ ପାଇଁ ଆସିଥିଲେ। ଏହି ଉପଲକ୍ଷେ ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଖପାଖର ମୋଟ ୬ଟି ସଂକୀର୍ତନ ଦଳ ଯୋଗଦେଇଥିଲେ। ମାନସିଂ ଧରୁଆ ଓ କଳାବାତି ଧରୁଆ କର୍ତ୍ତା କାର୍ଯ୍ୟ ତୁଲାଇଥିବା ବେଳେ ପୂଜକ ଭାବେ ଶୁଶିଲ ତ୍ରିପାଠୀ ଏବଂ ପୁରୁଷୋତମ ପଣ୍ଡା ଜପକ ଭାବେ ଦାୟୀତ୍ୱ ତୁଲାଇଥିଲେ। ଦୂର ଦୂରାନ୍ତରୁ ଆସିଥିବା ଲୋକଙ୍କ ପାଇଁ ଭଣ୍ଡାରା ଖୋଲାଯାଇଥିଲା। ରାଜକୁମାର ଧରୁଆ, ଦୁଶାସନ ମାଝି, ସୋବିତ ମାଝି, ବରୁଣ ମାଝି, ଦେବସିଂ ମାଝି, ଜୟପ୍ରକାଶ ମାଝି, ଦଳସାଏ ମାଝି, ବିକ୍ରମ ମାଝି, ଧରମ ସିଂ ମାଝି, ଲାଲମୋନ ମାଝି, ପୀତାମ୍ବର ମାଝି ପ୍ରମୁଖ ଓ ଗ୍ରାମବାସୀ ସହଯୋଗ କରିଥିଲେ। ସୂଚନାନୁସାରେ କେଉଁ ଆବାହକାଳରୁ ସେଠାରେ ପୂଜା ହୋଇ ଆସୁଛି। ପାହାଡ ଉପରେ ବରଗଛ ଓ ଆମ୍ବ ଗଛର ମିଳନରେ ଗୁପ୍ତଗଙ୍ଗା ଉତ୍ପତି ହୋଇଛି। ସେଠାରେ ଅନବରତ ପାଣି ବାହାରି ବୋହି ଯାଉଛି। ସେହି ପାଣିରେ ଶ୍ରଦ୍ଧାଳୁ ଭକ୍ତମାନେ ବୁଡ ପକାଇଥାନ୍ତି।


ଗୁପ୍ତଗଙ୍ଗାଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ ପାଇଁ ପାହାଡ ଚଢ଼ି ଯାଉଛନ୍ତି।

# ସାବିତ୍ରୀ-ସତ୍ୟବାନ ନାଟକ ପାଇଁ ରାମଜୀ ନାଟ୍ୟ ସଂସଦର ପ୍ରସ୍ତୁତି

ବଲାଙ୍ଗୀର ଅଫିସ,୧୬।୫

ଏକମାସ ଧରି ଚାଲିଥିବା ରାମଲୀଳା ନାଟକର ସଫଳ ଆୟୋଜନ ପରେ ବଲାଙ୍ଗୀରର ଅଗ୍ରଣୀ ସାଂସ୍କୃତିକ ସଙ୍ଗଠନ ରାମଜୀ ନାଟ୍ୟ ସଂସଦ ପକ୍ଷରୁ ପୌରାଣିକ ନାଟକ ସାବିତ୍ରୀ-ସତ୍ୟବାନର ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ସଙ୍ଗଠନର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆଗାମୀ ୩୦ତାରିଖରେ ସାବିତ୍ରୀ ବ୍ରତ ଉପଲକ୍ଷେ ଏହି ନାଟକ ଆୟୋଜନ ପାଇଁ ନାଟ୍ୟ ସଂସଦ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସ୍ଥାନୀୟ ଜଗନ୍ନାଥପଡା ଜଗନ୍ନାଥ ମନ୍ଦିର ସମ୍ମୁଖରେ ଏହି ଗୀତିନାଟ୍ୟ ପରିବେଷଣ କରାଯିବ। ପ୍ରସ୍ତୁତି ପର୍ବ ପ୍ରାରମ୍ଭରେ ପ୍ରଭୁ ଶ୍ରୀରାମଙ୍କ ପ୍ରାର୍ଥନା କରାଯାଇଥିଲା। ଏହାପରେ ଗୁରୁ ବାଳମୁକୁନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ସାବିତ୍ରୀ-ସତ୍ୟବାନ ନାଟକ କିଭଳି ସଫଳ ଓ ଲୋକପ୍ରିୟ ହୋଇପାରିବ ସେ ଦିଗରେ ଆଲୋଚନା ହୋଇଥିଲା। ପାତ୍ର ଚୟନ ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେଆଲୋଚନା ହୋଇଥିଲା। ଡା. ରୁଦ୍ରନାରାୟଣ ପଟେଲ ନାଟ୍ୟ ସଂସଦକୁ କିପରି ଲୋକାଭିମୁଖୀ କରାଯିବା ସେଥିପ୍ରତି ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ପରେ କଳାକାର ଚୟନ କରାଯାଇଥିଲା। ସାବିତ୍ରୀ ଭୂମିକାରେ ମାନସ ରଞ୍ଜନ ସାହୁ, ସତ୍ୟବାନ ଭୂମିକାରେ ଆନନ୍ଦ ମିଶ୍ର ଅଭିନୟ କରିବାକୁ ବଛା ଯାଇଥିଲା। ଏହାସହିତ କୁମୁଦ ନାଏକ ରାଜା, ଅରୁଣ କୁମାର ରାଉତ ଅନ୍ଧରାଜା, ଚୈତନ୍ୟ ମଟାରି ଅନ୍ଧୁଣି, ରାମ ଦାଶ ନାରଦ, ଘୁଣ୍ଟୁଗୋପାଳ ମିଶ୍ର ମନ୍ତ୍ରୀ, ରାଜୁ ପଟେଲ କଟୁଆଳ, ଡା. ରୁଦ୍ର ପଟେଲ ଯମ, ଚିଦାନନ୍ଦ ବେହେରା ଚିତ୍ରଗୁପ୍ତ, ରାମ ପ୍ରସାଦ ସାହୁ, କ୍ଷେତ୍ର ବନଛୋର, ନରେନ୍ଦ୍ର ନିଆଲ ଓ ହିମାଂଶୁ ଯୋଷୀ ସଖୀ ଭୂମିକାରେ ଅଭିନୟ କରିବେ ବୋଲି କୁହାଯାଇଥିଲା। ଚିଦାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଖଲିଆପାଲିରେ ଭୀମ ଭୋଇ ଜୟନ୍ତୀ ପାଳିତ

ସୋନପୁର,୧୬।୫(ନି.ପ୍ର.)

ମାନବବାଦୀ ସନ୍ଥ ଭୀମ ଭୋଇଙ୍କ ସାଧନା, ସିଦ୍ଧି ଓ ସମାଧି ପୀଠ ସୁବର୍ଣ୍ଣପୁର ଜିଲା ଖଲିଆପାଲିଠାରେ ସନ୍ଥ କବି ଭୀମ ଭୋଇଙ୍କ ଜୟନ୍ତୀ ରବିବାର ସନ୍ଧ୍ୟାରେ ଭୀମ ଭୋଇ ସମାଧି ପୀଠ ଟ୍ରଷ୍ଟ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ମ୍ୟାନେଜିଂ ଟ୍ରଷ୍ଟି ଛତ୍ରଧାରୀ ଅଗ୍ରୱାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୋନପୁର ଉପଜିଲାପାଳ ତଥା ସମାଧି ପୀଠ ଟ୍ରଷ୍ଟର ଉପାଧକ୍ଷ ନିହାର ରଞ୍ଜନ କହଁରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧକ୍ଷା ସୁପାର ଠେଲା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏସ୍‌ପି ଅମରେଶ ପଣ୍ଡା, ସୋନପୁର ବ୍ଲକ ଅଧକ୍ଷ ପ୍ରହଲ୍ଲାଦ ନାୟକ, ତରଭା ବ୍ଲକ ଅଧକ୍ଷ ସରୋଜ କମ୍ପ, ଡୁଙ୍ଗୁରିପାଲି ବ୍ଲକ ଉପାଧକ୍ଷ ମକରଧ୍ୱଜ ସାହୁ, ଜିଲା ପରିଷଦ ସଭ୍ୟ ମଧୁସୂଦନ ଓତା, ସୋନପୁର ତହସିଲଦାର ନବୀନ ପାଢୀ, ବ୍ରଜ ମୋହନ ଦାନୀ ଓ ଗୋରେଖନାଥ ସାହୁ ଓ କରମଚାନ୍ଦ ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ସନ୍ଥ କବିଙ୍କ ଜୀବନଚର୍ଯ୍ୟା ଓ ସାଧନା ଉପରେ ଆଲୋକପାତ କରିଥିଲେ। ଜମିଦାତା କଉଡିଆମୁଣ୍ଡାର ବ୍ରଜମୋହନ ପାତ୍ରଙ୍କୁ ଏହି ଅବସରରେ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ମାନଭଞ୍ଜନ ମିଶ୍ର ସଭାକୁ ସଂଯୋଜନା କରିଥିଲେ। ଏହି ପବିତ୍ର ଦିବସରେ ସମାଧି ପୀଠ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲା ରହିଥିଲା। ପୀଠରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମଠାଧୀଶ ସନ୍ୟାସୀ ବାବାଙ୍କ ଦ୍ୱାରା ସମସ୍ତ ନୀତିକାନ୍ତି ସମ୍ପନ୍ନ ହୋଇଥିଲା।


ଜୟନ୍ତୀ ପାଳନ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

# ଜିଲା ସନ୍ତରଣ ପ୍ରତିଯୋଗିତାରେ ୧୫୦ ପ୍ରତିଯୋଗୀ


ଜିଲା ସନ୍ତରଣ ପ୍ରତିଯୋଗିତାରେ ଭାଗନେଇଥିବା ପ୍ରତିଯୋଗୀ।

ବଲାଙ୍ଗୀର ଅଫିସ,୧୬।୫

ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ସୋମବାର ଜିଲା ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଜିଲାର ବିଭିନ୍ନ ସ୍କୁଲର ୧୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୨୦୦ ମିଟର ରିଲେ ସନ୍ତରଣ ପ୍ରତିଯୋଗିତାରେ ଜିଲା ସନ୍ତରଣ ସଂଘ ପ୍ରଥମ, ପୃଥ୍ୱୀରାଜ ହାଇସ୍କୁଲ ଟିମ୍ ଦ୍ୱିତୀୟ, ବୁବେଲ ହାଇସ୍କୁଲ ଟିମ୍ ତୃତୀୟ ଏବଂ ପତିତପାବନ ଏକାଡେମୀ ସ୍କୁଲ ଚତୁର୍ଥ ସ୍ଥାନ ଅଂଶଗ୍ରହଣ କରିଥିଲେ। ଏହାସହିତ ଅନ୍ୟାନ୍ୟ ଇଭେଣ୍ଟଗୁଡିକରେ ନିର୍ଦ୍ଧାରିତ ସମୟରେ ସନ୍ତରଣ କରିଥିବା ସମସ୍ତ କୃତୀ ପ୍ରତିଯୋଗୀ ଆସନ୍ତା ୨୮ରୁ ୩୦ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ଯୋଗଦେବାକୁ କୁହାଯାଇଛି। ସୋମବାର ସବ୍ ଜୁନିଅର ଏବଂ ଜୁନିଅର ସ୍ତରରେ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ, ସମ୍ମାନିତ ଅତିଥି ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ, ସିଆରପିଏଫ୍ କମାଣ୍ଡାଣ୍ଟ ପବନ କୁମାର ତିୱାରି, ଜିଲା ସନ୍ତରଣ ସଂଘ ଉପଦେଷ୍ଟା ମନୋଜ ମିଶ୍ର, ଜିଲା ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ, ଜିଲାର ବିଭିନ୍ନ ସ୍କୁଲର ପିଇଟି ଏବଂ ଜିଲା ସନ୍ତରଣ ସଂଘ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟ ଯୋଗଦେଇଥିଲେ।

# ଇଣ୍ଟର ସ୍କୁଲ ଷ୍ଟେଟ କରାଟେ ଚାମ୍ପିୟନଶିପ୍‌ରେ ବଲାଙ୍ଗୀରର ସଫଳତା

ବଲାଙ୍ଗୀର ଅଫିସ,୧୬।୫

ଗତ ୧୪ ଓ ୧୫ ତାରିଖ ଦୁଇଦିନ ଧରି ଝାରସୁଗୁଡା ସ୍ପୋର୍ଟସ କମ୍ପ୍ଲେକ୍ସ ଅଡିଟରିୟମଠାରେ ଅଲ ଓଡିଶା ଇଣ୍ଟର ସ୍କୁଲ କରାଟେ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ଜିଲା କରାଟେ ଅର୍ଗାନାଇଜେଶନର ୭ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବାଳିକା ବିଭାଗରେ ଫାଇଟିଂରେ ପ୍ରାଚୀ ବେହେରା ରୌପ୍ୟ ପଦକ ଓ କାତାରେ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ସମୀକ୍ଷା ସମୃଦ୍ଧି ଷଡଙ୍ଗୀ କାତାରେ ରୌପ୍ୟ, ସାଇଶ୍ରୀୟା ମହାକୁର କାତାରେ ବ୍ରୋଞ୍ଜ ପଦକ ପାଇଛନ୍ତି। ବାଳକ କାତା ବିଭାଗରେ ମିଥିଲେଶ କୁମାର ବେହେରା ରୌପ୍ୟ ପଦକ, ଅନ୍‌ୱେଶ କୁମାର ସାହୁ ବ୍ରୋଞ୍ଜ ପଦକ, ଶୁଭମ ଦାଶ ରୌପ୍ୟ ପଦକ, ଶମ୍ଭୁଭୂଷଣ ବେହେରା ବ୍ରୋଞ୍ଜ ପଦକ ହାସଲ କରିଥିଲେ। ବଲାଙ୍ଗୀର ଜିଲା କରାଟେ ଅର୍ଗାନାଇଜେସନ ସମ୍ପାଦକ ତଥା କୋଚ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଏହି ୭ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ନରେନ୍ଦ୍ର ବରାଡ ଏଥିରେ ଟିମ୍ ମ୍ୟାନେଜର ଭାବରେ ଅଂଶଗ୍ରହଣ କରିଥିଲେ। ଅସୀମ ଭୋଇ ଏଥିରେ ରେଫରି ଦାୟିତ୍ୱ ମଧ ତୁଲାଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଝାରସୁଗୁଡା ଏସ୍‌ପି ରାହୁଲ ଜୈନ ଜାତୀୟ ରେଫରି ଅସୀମ ଭୋଇଙ୍କୁ ଟ୍ରଫି ସହ ସମ୍ମାନିତ କରିଥିଲେ।



ପୁରସ୍କୃତ ବଲାଙ୍ଗୀରର କରାଟେ ଟିମ୍।

# କେନ୍ଦୁପତ୍ର ସଂଗ୍ରହ କରୁଛନ୍ତି ସ୍କୁଲପିଲା

ଲୋଇସିଂହା,୧୬।୫(ଡି.ଏନ.ଏ.)

- ବିଭାଗ କହିଲା ପଞ୍ଜୀକୃତ ଶ୍ରମିକଙ୍କ ପାଇଁ ସରକାରୀ ଅନୁକମ୍ପା ରାଶି
- ଅଧିକ ରୋଜଗାର ଆଶାରେ ସ୍କୁଲ ପିଲାଙ୍କୁ କାମରେ ଲଗାଯାଉଛି: ରେଞ୍ଜର

ସବୁଜ ହୀରା କୁହାଉଥିବା କେନ୍ଦୁପତ୍ର ସଂଗ୍ରହ ଅଭିଯାନ ଏପ୍ରିଲ ୨୫ରୁ ବଲାଙ୍ଗୀର କେନ୍ଦୁପତ୍ର ଡିଭିଜନରେ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ମୌସୁମୀ ବର୍ଷା ଆସିବା ଯାଏ ଚାଲିବ। ଏହିକ୍ରମରେ ଲୋଇସିଂହା ଓ ଝାରବନ୍ଧଲି(ଆଗଲପୁର) ରେଞ୍ଜରେ ବିଭାଗୀୟ ମୁନସୀ ଓ ଚପରାସିଙ୍କ ଉପସ୍ଥିତିରେ କେନ୍ଦୁପତ୍ର ସଂଗ୍ରହ ଚାଲିଛି। ତେବେ ଉଭୟ ରେଞ୍ଜରେ କେନ୍ଦୁପତ୍ର ସଂଗ୍ରହରେ ସ୍କୁଲ ଛାତ୍ରୀଛାତ୍ର ଓ ବୟସ୍କ ବ୍ୟକ୍ତି ନିୟୋଜିତ ଥିବା ଦେଖିବାକୁ ମିଳିଛି। ଏହା ସରକାରୀ ନିୟମର ଖୋଲା ଉଲ୍ଲଂଘନ ହୋଇଥିଲେ ବି ବିଭାଗୀୟ କର୍ମଚାରୀଙ୍କ ଏଥିପ୍ରତି ବାରଣ ନାହିଁ। ପତ୍ର ସଂଗ୍ରହ ବେଳେ କୌଣସି ଅଘଟଣ ଘଟିଲେ କିଏ ଦାୟି ରହିବେ ବୋଲି ସାଧାରଣରେ ଆଲୋଚନା ହେଉଛି।

ଆଗଲପୁର ବ୍ଲକ ଝାରବନ୍ଧଲିଠାରେ ଗୋଟିଏ କ୍ୟାମ୍ପସରେ ଲୋଇସିଂହା ଓ ଝାରବନ୍ଧଲି ରେଞ୍ଜ କାର୍ଯ୍ୟାଳୟ ଏବଂ ଗୋଦାମ ଗୃହ ରହିଛି। ଲୋଇସିଂହା ରେଞ୍ଜର ୪୨ ଓ ଝାରବନ୍ଧଲି ରେଞ୍ଜର ୩୩ ଫଡି ଘର ରହିଛି। କେନ୍ଦୁପତ୍ର ସଂଗ୍ରହ ପାଇଁ ଫଡି ଘର ଅଧୀନରେ ଥିବା ୧୮ ରୁ ୫୯ ବୟସର ବ୍ୟକ୍ତି ପଞ୍ଜୀକୃତ ହୋଇଥାନ୍ତି। ସେମାନଙ୍କୁ ଛତା, ଚପଲ, ପାଣି ବୋତଲ ଦିଆଯାଇଥାଏ। କୌଣସି ଅଘଟଣ ଘଟିଲେ ଶ୍ରମିକଙ୍କୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ସରକାର ଦେଇଥାନ୍ତି। ଚଳିତ ବର୍ଷ ରାଜ୍ୟ ସରକାର ତୋଳାଳିଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଚଳିତ ବର୍ଷ ଗୋଟିଏ ଚଟାକୁ ୧୨୦ରୁ ୧୪୦ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହାକୁ ନେଇ ପଞ୍ଜୀକୃତ ତୋଳାଳି ପରିବାର ମଧ୍ୟରେ ପତ୍ର ସଂଗ୍ରହ ପାଇଁ ଏକ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଛି। ଅଧିକ ପତ୍ର ସଂଗ୍ରହ ପାଇଁ ଲୋକେ ଅଣପଞ୍ଜୀକୃତ ଛାତ୍ରୀଛାତ୍ର ଓ ବୟସ୍କ ବ୍ୟକ୍ତିଙ୍କୁ ନିୟୋଜିତ କରୁଛନ୍ତି। ଭୋର ସାଢେ ୪ଟାରୁ ସକାଳ ୯ଟା ଯାଏ ପତରା ଜଙ୍ଗଲକୁ ଯାଇ ସେମାନେ ପତ୍ର ସଂଗ୍ରହ କରୁଥିବା ଦେଖିବାକୁ ମିଳୁଛି। ପ୍ରତି ମୁହୂର୍ତ୍ତରେ ଜୀବଜନ୍ତୁଙ୍କ ଭୟ ବି ରହୁଛି। ଏହାବାଦ ଦରବୃଦ୍ଧି ଆଳରେ ବିଭାଗ ପକ୍ଷରୁ ଶ୍ରମିକଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ଗୋଟିଏ କେରିରେ ୨୦ ପତ୍ର ବଦଳରେ ୨୫ ପତ୍ର ବାନ୍ଧିବାକୁ ଶ୍ରମିକଙ୍କୁ ବାଧ୍ୟ କରାଯାଉଛି। ଫଳରେ ଶ୍ରମିକମାନେ ଗୋଟିଏ କେରିରେ ୫ଟି ପତ୍ର କ୍ଷତି ସହୁଛନ୍ତି। ଏ ସମ୍ପର୍କରେ ଝାରବନ୍ଧଲି ରେଞ୍ଜର ପରମାନନ୍ଦ ପାଣିଗ୍ରାହୀଙ୍କୁ ପଚାରିବାରୁ କେବଳ ପଞ୍ଜୀକୃତ ଶ୍ରମିକଙ୍କ ପାଇଁ ସରକାରୀ ଅନୁକମ୍ପା ରାଶି ରହିଛି। ଅଧିକ ରୋଜଗାର ଆଶାରେ ସ୍କୁଲ ପିଲା ଓ ବୟସ୍କ ଲୋକଙ୍କୁ ପତ୍ରତୋଳାରେ ଲଗାଇବା ଠିକ୍ ନୁହେଁ। ଗୋଟିଏ କେରିରେ ୨୫ ପତ୍ର ନେବା ସମ୍ପର୍କରେ ପଚାରିବାରୁ ଏନେଇ ମୋ ନିକଟରେ ଅଭିଯୋଗ ହୋଇନାହିଁ। ଶ୍ରମିକମାନେ ଗୋଟିଏ କେରିରେ ବିଡି ଉପଯୋଗୀ ୨୦ପତ୍ର ଦେଇ ପାରିବେ ବୋଲି ସେ କହିଛନ୍ତି।

## ୧୧ଫଡିଘରର ସ୍ଥାୟୀ ଗୃହ ନାହିଁ

**ଲୋଇସିଂହା,୧୬।୫(ଡି.ଏନ.ଏ.):** ଆଗଲପୁର ବ୍ଲକ ଝାରବନ୍ଧଲି ରେଞ୍ଜରୁ ୮୬ଲକ୍ଷ ୬୯ହଜାର ୪ଶହ କେରି କେନ୍ଦୁପତ୍ର ଅମଳ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ମେ ୧୧ ସୁଦ୍ଧା ୪୫ ଲକ୍ଷ ୯୧ ହଜାର ୮ ଶହ କେରି କେନ୍ଦୁପତ୍ର ସଂଗ୍ରହ ହୋଇଛି। ରେଞ୍ଜ ଅଧୀନ ଝାରବନ୍ଧଲି, ପଟୁଆପାଲି, ଡବଲଙ୍ଗ ଓ ଭାଲିଆମୁଣ୍ଡା ସେକ୍ସନ ଅନ୍ତର୍ଗତ ୩୩ ଫଡିଘର ଅଧୀନରେ ଥିବା ୩ ହଜାର ୮୫୦ ହେକ୍ଟର କ୍ଷେତ୍ରଫଳରେ ୬ ହଜାର ତୋଳାଳି କେନ୍ଦୁପତ୍ର ସଂଗ୍ରହ କରୁଛନ୍ତି। ତେବେ ୩୩ ଫଡିଘର ମଧ୍ୟରୁ ୧୧ଟିର ସ୍ଥାୟୀ ଘର ନାହିଁ। କେନ୍ଦୁପତ୍ର ସଂଗ୍ରହ ପୂର୍ବରୁ ପ୍ରତିବର୍ଷ ଫଡିଘର ମରାମତି କରାଯାଇଥାଏ। ହେଲେ ରେଞ୍ଜର ନଡା, ବଲି ଅଭାବ ଦର୍ଶାଇ ପତ୍ର ସଂଗ୍ରହ ବେଳେ ଫଡିଘର ମରାମତି କରୁଛନ୍ତି। ଏପରିକି ପୁରୁଣା ତାରପୋଲିନରେ ଫଡିଘର ଛାଉଣି କରାଯାଉଛି। ବର୍ତ୍ତମାନ ଝଡବର୍ଷା ହେଉଥିବାରୁ କିଣାଯାଇଥିବା ପତ୍ର ନଷ୍ଟ ହେବା ଆଶଙ୍କା କରାଯାଉଛି।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

**ଦେବଗଡ଼, ୧୬।୫(ଡି.ଏନ୍.ଏ.):** ସୋମବାର ପୂର୍ବାହ୍ନରେ ଦେବଗଡ଼ ଥାନା ଅନ୍ତର୍ଗତ ଭାଲୁମୁଣ୍ଡା -ଅଶନନାଳୀ ରାସ୍ତାରେ ବାଇକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କର ମୃତ୍ୟୁ ଘଟିଛି। ପୂର୍ବାହ୍ନ ପ୍ରାୟ ୯ଟା ୩୦ରେ ବସାଲଇ ଗ୍ରାମର କୃଷ୍ଣଚନ୍ଦ୍ର ଦୀପ (୫୦) ଘରୁ ଏକ ସାଇକେଲରେ ବଳମ ସାପ୍ତାହିକ ବଜାରକୁ ଯାଉଥିଲେ। ମାତ୍ର ଅଳ୍ପ ଦୂର ଗଲାପରେ ଭାଲୁମୁଣ୍ଡା -ଅଶନନାଳୀ ରାସ୍ତାରେ ବିପରୀତ ଦିଗରୁ ଯାଉଥିବା ଏକ ବାଇକ୍ ତାଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ଫଳରେ କୃଷ୍ଣଚନ୍ଦ୍ର ସାଇକେଲ ସହ ରାସ୍ତା ଉପରକୁ ଛିଟିକିପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ନିମନ୍ତେ ତାଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାପାଇ ଦେବଗଡ଼ ଆଦର୍ଶ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବିଦ୍ୟାଳୟର ପଙ୍ଖା ବିକ୍ରି ଅଭିଯୋଗ

**ଟେନ୍ସା, ୧୬।୫(ଡି.ଏନ୍.ଏ.):** ଗତ କିଛି ଦିନ ତଳେ ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକର ଏକ ବିଦ୍ୟାଳୟକୁ ଆସୁଥିବା ଛାତ୍ରୀଛାତ୍ରଙ୍କ ବହି ବିକ୍ରି କରିଦେଇଥିଲେ ଶିକ୍ଷକ। ବିଭିନ୍ନ ଗଣମାଧ୍ୟମରେ ଖବର ଆସିବା ପରେ ପ୍ରଶାସନ ଉକ୍ତ ଶିକ୍ଷକଙ୍କୁ ଚାକିରୀରୁ ନିଲମ୍ବିତ କରିଥିଲେ। ଏହି ଘଟଣା ଲୋକଙ୍କ ମନରୁ ଯାଇ ନ ଥିବାବେଳେ ପୁଣି ଏକ ଚିତ୍ର କୋଇଡା ବ୍ଲକରୁ ଆସିଛି। ବ୍ଲକରେ ଥିବା ଡେଙ୍ଗୁଲା ଉଚ୍ଚ ବିଦ୍ୟାଳୟର ପଙ୍ଖା ବିକ୍ରି କରାଯାଇଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି। ହେଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିପରି ଜାଣିପାରିଲେ ନାହିଁ ତାହା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ବିଦ୍ୟାଳୟରେ ପଙ୍ଖା ନ ଥିବାରୁ ଛାତ୍ରୀଛାତ୍ର ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କ୍ଲାସ ରୁମ୍‌ରେ ବସିପାରୁ ନାହାନ୍ତି। ବିଦ୍ୟାଳୟର ପଙ୍ଖାଗୁଡିକୁ ନିକଟସ୍ଥ ଗ୍ରାମରେ ବିକ୍ରି କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଡେଙ୍ଗୁଲା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାରମେଲା ବିଲୁଙ୍ଗଙ୍କୁ ପଚାରିବାରୁ ପଙ୍ଖା ବିକ୍ରି ହୋଇଛି କି କ'ଣ ହୋଇଛି ଜଣାପଡ଼ିନି। ଦାୟିତ୍ୱରେ ଥିବା ଶିକ୍ଷକ ଛୁଟିରେ ଅଛନ୍ତି। ଆସିଲେ ଜଣାପଡିବ।

### ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲା

**ବରଗଡ଼ ଅଫିସ୍, ୧୬।୫:** ବରଗଡ଼ ସରକାରୀ ବସ୍‌ଷ୍ଟାଣ୍ଡ ପରିସରରେ ଥିବା ପାନୀୟଜଳ ପ୍ରକଳ୍ପ ସୋମବାର କାର୍ଯ୍ୟକ୍ଷମ ହୋଇଛି। ଏହି ପ୍ରକଳ୍ପ ଅଚଳ ଥିବାରୁ ଏଠାକୁ ଆସୁଥିବା ଯାତ୍ରୀମାନେ ହଟହଟା ହେଉଥିଲେ। ଏ ନେଇ ସୋମବାର ଧରିତ୍ରୀରେ 'ପାନୀୟଜଳ ପାଇଁ ହଟହଟା' ଶୀର୍ଷକରେ ଏକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶନ ପରେ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ତତ୍ପରତା ପ୍ରକାଶ ପାଇଥିଲା ଏବଂ ତାହା ମରାମତି ହୋଇଥିଲା।

# ପୋଖରୀ ଉନ୍ନତୀକରଣ କଲେ ମହିଳାଗୋଷ୍ଠୀ

**ବଡ଼ଗାଁ, ୧୬।୫(ଡି.ଏନ୍.ଏ.)**



ମହିଳାମାନେ ପୋଖରୀର ଉନ୍ନତୀକରଣ ଲାଗି ଶ୍ରମଦାନ କରୁଛନ୍ତି।

ସରକାରଙ୍କ ପକ୍ଷରୁ ସହାୟତା ମିଳିଲା ନାହିଁ, ଜନପ୍ରତିନିଧି ଓ ଦଳୀୟ ନେତାମାନେ ମଧ୍ୟ ଦୃଷ୍ଟି ଦେଲେନି। ଶେଷରେ ଗାଧୋଇବା ସମସ୍ୟାର ଦୂରୀକରଣ ପାଇଁ ଅଣ୍ଟା ଭିଡିଲେ ମହିଳା ଗୋଷ୍ଠୀ। ପୋଖରୀର ଉନ୍ନତିକରଣ କରି ଦେଖାଇଦେଲେ। ଏଭଳି ଏକ ପ୍ରେରଣାଦାୟୀ କାର୍ଯ୍ୟକରି ଦେଖାଇଛନ୍ତି, ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଫୁଲବାରି ପଞ୍ଚାୟତର ସାଲେପାଲି ଓ ବିର୍ଶୁ ଗ୍ରାମର ମହିଳାମାନେ। ପ୍ରାୟ ୬୦ବର୍ଷ ପୂର୍ବେ ଉଭୟ ଗ୍ରାମର ଲୋକେ ପୋଖରୀ ଖନନ କରିଥିଲେ। ଦୀର୍ଘ ବର୍ଷ ହେଲା ପୋଖରୀର ଉନ୍ନତିକରଣ, ପଙ୍କୋଦ୍ଧାର, ଖନନ କରା ନ ଯିବାରୁ ଅନୁପଯୋଗୀ ହୋଇ ପଡ଼ିରହିଥିଲା। ଗ୍ରାମବାସୀ ସରକାରୀ ଅଧିକାରୀ, ଜନପ୍ରତିନିଧିଙ୍କୁ ଜଣାଇଥିଲେ ମଧ୍ୟ ସମସ୍ୟା ଦୂରୀକରଣ ପାଇଁ ପଦକ୍ଷେପ ନେଲେ ନାହିଁ। ଗତବର୍ଷ ମହିଳାମାନେ ବୈଠକ କରି କିପରି ପୋଖରୀର ଉନ୍ନତିକରଣ କରିହେବ ଆଲୋଚନା କରିଥିଲେ। ଆଲୋଚନାର ନିଷ୍ପତ୍ତି କ୍ରମେ ପୋଖରୀ ଉପରେ ନିର୍ଭର କରୁଥିବା ସାଲେପାଲି ଗାଁର ୭୦ପରିବାର ଏବଂ ବିର୍ଶୁ ଗାଁର ୫୦ ପରିବାରଙ୍କଠାରୁ ୫୦ ଟଙ୍କା ଲେଖାଏଁ ସଂଗ୍ରହ କରାଯାଇଥିଲା। ସେହି ଅର୍ଥରେ ମାଛ ଚାଷ କରାଯାଇଥିଲା। ସେମାନେ ଗତବର୍ଷ ୧୦ହଜାର ଓ ଚଳିତ ବର୍ଷ ୩୦ ହଜାର ଟଙ୍କା ଲାଭ ପାଇଥିଲେ। ଏହି ଅର୍ଥରେ ଜେସିବି ମେଶିନ ଦ୍ୱାରା ଖନନ ଓ ସମତଳ କାର୍ଯ୍ୟ କରାଇଥିଲାବେଳେ ସମସ୍ତ ମହିଳା ଶ୍ରମଦାନ କରି ପୋଖରୀର ଉନ୍ନତିକରଣ କରିଛନ୍ତି। ନାଏବ ସରପଞ୍ଚ ତରୁଲତା ବରିହା, ନିଳିମା ବରିହା, ବାସନ୍ତୀ ପୃଷେଟ, ମାଳତି ସାହୁ, ଶୁଶିଳା ମିଞ୍ଜ, ଅନିତା ମାଝି, ନିରାଶି ପାରେଖ, ଟିକେଶରୀ ସାହୁଙ୍କ ସହିତ ପ୍ରାୟ ୩୦ଜଣ ମହିଳା ପୋଖରୀରେ ଶ୍ରମଦାନ କରୁଥିଲାବେଳେ ଆମ ପ୍ରତିନିଧି କାର୍ଯ୍ୟସ୍ଥଳକୁ ଯାଇଥିଲେ। ସେମାନଙ୍କୁ ପଚାରିବୁଝିବାରୁ ସବୁକଥା ଜଣାପଡ଼ିଥିଲା। କିପରି ଦୀର୍ଘ ବର୍ଷ ହେଲା ସେମାନେ ଗାଧୋଇବା ପାଇଁ ସମସ୍ୟାରେ ପଡୁଥିଲେ ପ୍ରକାଶ କରିଥିଲେ।

# ରାଧାକୃଷ୍ଣ କଳା ପରିଷଦର ବାର୍ଷିକ ଉତ୍ସବ

**ଲହୁଣୀପଡା, ୧୬।୫(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ମହୁଲପଦା ପଞ୍ଚାୟତ କୁମୁଡ଼ି ଗ୍ରାମରେ ସୋମବାର ଆଞ୍ଚଳିକ ରାଧାକୃଷ୍ଣ ସାଂସ୍କୃତିକ କଳା ପରିଷଦ ତରଫରୁ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଲହୁଣୀପଡା ବିଡ଼ିଓ ଧାନାଇ ଚରଣ ଟୁଡୁ, ସମ୍ମାନିତ ଅତିଥି ଭାବେ ବ୍ଲକ କଳା ସଂସ୍କୃତି ଉପସଭାପତି ପ୍ରଫୁଲ ପଲେଇ, ଜିଲା ପରିଷଦ ସଦସ୍ୟା ଶୁଶିଳା ନାୟକ, ଡଲେଇସରା ସରପଞ୍ଚ ଅସାତୁ କୋହ୍ଲ, ସମିତି ସଭ୍ୟ ନୀଳାମ୍ବର ନାଏକ, ବରିଷ୍ଠ କଳାକାର ଶୁକଦେବ ପଲେଇ, ଲକ୍ଷ୍ମଣ ବାରିକ, ବ୍ରଜମୋହନ ବାରିକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଖୁଣ୍ଟଗାଁ ପଞ୍ଚାୟତ ପୂର୍ବତନ ସରପଞ୍ଚ ଅଜୟ ନାୟକ ଯୋଗଦେଇଥିଲେ। ମହୁଲପଦା ପଞ୍ଚାୟତ ସରପଞ୍ଚ ସୌଭାଗ୍ୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏହି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। କୁମୁଡ଼ି ମୁଖ୍ୟ ରାସ୍ତାରୁ ମଞ୍ଚ ପର୍ଯ୍ୟନ୍ତ ଅତିଥିମାନଙ୍କୁ ପାରମ୍ପରିକ ବାଦ୍ୟନୃତ୍ୟର ତାଳେ ତାଳେ ପାଛୋଟି ନିଆଯାଇଥିଲା। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିବାବେଳେ ପ୍ରଦୀପ ପ୍ରଜ୍ୱଳନ କରି ଅତିଥି ବୃନ୍ଦ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ବାର୍ଷିକ ଉତ୍ସବର ୩୧ଟି ଆଞ୍ଚଳିକ ସାଂସ୍କୃତିକ ଦଳ ଯୋଗଦେଇ କଳା ପରିବେଷଣ କରିଥିବାବେଳେ ଶସଦେବ ବେହେରା, ହିମାଂଶୁ ଆପଟ, ଦୁର୍ଯ୍ୟୋଧନ କିଷାନ, ଭୀମସେନ ଆପଟ, ଜୟକୃଷ୍ଣ ନାୟକ, ରତ୍ନାକର ନାୟକ, ରଘୁନାଥ ନାୟକ, ବସନ୍ତ ଗୁରୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାର୍ଷିକ ଉତ୍ସବରେ ଆଞ୍ଚଳିକ କଳାକାରମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।



ରାଧାକୃଷ୍ଣ ସାଂସ୍କୃତିକ କଳା ପରିଷଦ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ଓଡ଼ିଆ ସାହିତ୍ୟ ପ୍ରତି ସୁଢ଼ଳ ଦେବଙ୍କ ଅବଦାନ ଅତୁଳନୀୟ





ସାର୍ ସୁଢଳ ଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ। ସଭାରେ ମଞ୍ଚାସୀନ ଅତିଥି।

**ଦେବଗଡ଼, ୧୬।୫(ଡି.ଏନ୍.ଏ.)**

**ରାଜା ସାର୍ ବାସୁଦେବ ସୁଢ଼ଳ ଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସ୍ଥାନୀୟ କଲ୍ୟାଣ ମଣ୍ଡପ ସେଣ୍ଟର ଫର୍ କଲଚରଠାରେ ସାରସ୍ୱତ ସାଧକ ତଥା ଓଡ଼ିଶାର ବିକ୍ରମାଦିତ୍ୟ ରାଜା ସାର୍ ବାସୁଦେବ ସୁଢଳଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସନ୍ଧ୍ୟାରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ତଥା ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦର ସଭାପତି ଡ. ପଦ୍ମନାଭ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଜୟନ୍ତୀ ସଭାରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଭୂତି ଗଙ୍ଗଦେବ, ମୁଖ୍ୟବକ୍ତା ଭାବେ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଜୟ କୁମାର ମହାରଣା ଓ ସମ୍ମାନିତ ବକ୍ତା ଭାବେ ସମ୍ବଲପୁରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ଡ. ଶ୍ୟାମ ଭୋଇ ପ୍ରମୁଖ ମଞ୍ଚାସୀନ ରହି ରାଜା ସାର୍ ସୁଢଳ ଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଅତିଥି ଓ ବକ୍ତାମାନେ ସାର୍ ସୁଢଳ ଦେବଙ୍କ ଜୀବନୀ ଓ ସାହିତ୍ୟ କୃତୀ ଉପରେ ଆଲୋକପାତ କରିବା ସହ ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡ. ଭାରତ ଭୂଷଣ ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ୨ଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ସେହିପରି ୮ଜଣ କବି ଓ କବୟିତ୍ରୀ ସାର୍ ସୁଢଳ ଦେବଙ୍କ ଜୀବନୀ ଉପରେ ଆଧାରିତ ସ୍ୱରଚିତ କବିତା ପାଠ କରିଥିଲେ। ସଭା ପ୍ରାରମ୍ଭରେ ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦର ସମ୍ପାଦକ ଚିତ୍ତରଞ୍ଜନ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶେଷରେ ଉପସଭାପତି ରାମଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସକାଳେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ରାଜ ପ୍ରାସାଦ ସମ୍ମୁଖରେ ଥିବା ରାଜା ସାର୍ ବାସୁଦେବ ସୁଢଳ ଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡ. ଭାରତ ଭୂଷଣ ନନ୍ଦଙ୍କ ସମେତ ବରିଷ୍ଠ ସାହିତ୍ୟିକ ତଥା ବାମଣ୍ଡା ସାହିତ୍ୟ ସଂସଦର ସମ୍ପାଦକ ପ୍ରଫୁଲ୍ଲ କୁମାର ମହାପାତ୍ର, ନାଟ୍ୟକାର ମାର୍କଣ୍ଡେଶ୍ୱର ଶତପଥି, ହେମନ୍ତ କୁମାର ମହାପାତ୍ର, କିଶୋର ଚନ୍ଦ୍ର ନନ୍ଦ, ରାମଚନ୍ଦ୍ର ମହାପାତ୍ର, ନିରଞ୍ଜନ ଦ୍ୱିବେଦୀ, ବିଜୟ କୁମାର ମହାରଣା, ବିଭୂତି ଗଙ୍ଗଦେବ, ଭ୍ରାତୃକୁମାର ପ୍ରଫୁଲ୍ଲ, ଫକୀର ମୋହନ ଦେହୁରୀ, ଭାନୁଶଙ୍କର ନନ୍ଦ, ପ୍ରକାଶ ଚନ୍ଦ୍ର ଦେବତା, ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦର ସମ୍ପାଦକ ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ସୁଧିର କୁମାର ଦାସ ଓ ଅଶୋକ କୁମାର ଦେବଙ୍କ ସମେତ ବହୁ କବି, ସାହିତ୍ୟିକ, ଆଇନଜୀବୀ ଓ ବୁଦ୍ଧିଜୀବୀ ଉପସ୍ଥିତ ରହି ସାର୍ ସୁଢଳ ଦେବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ସେବକର ୨୮ତମ ପ୍ରତିଷ୍ଠା ଦିବସ

**ସୁନ୍ଦରଗଡ଼, ୧୬।୫(ଡି.ଏନ୍.ଏ.)**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ୨୮ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସେବକର ପ୍ରତିଷ୍ଠାତା ଗୋପାଳଚନ୍ଦ୍ର ଓଝା ଯୋଗଦାନ କରି ସମାଜର ଅବହେଳିତ, ନିଷ୍ପେଷିତ, ଗରିବ ଆଦିବାସୀଙ୍କ ବିକାଶ ଦିଗରେ ସେବକର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ।
ସୁନ୍ଦରଗଡ଼ ଜିଲାର କିଛି ଆଗ୍ରହୀ ଯୁବକଯୁବତୀଙ୍କୁ ନେଇ ତତ୍କାଳୀନ ନେହେରୁ ଯୁବକେନ୍ଦ୍ରର ଯୁବ ସଂଯୋଜକ ଓଝାଙ୍କ ନେତୃତ୍ୱରେ ୧୯୯୫ ମେ ୧୫ରେ ଟାଙ୍ଗରପାଲି ବ୍ଲକର ରଙ୍ଗିଆମୁଣ୍ଡା ଗ୍ରାମରେ ଆରମ୍ଭ ହୋଇଥିଲା। ସେବକର ଅଧ୍ୟକ୍ଷ ଅମୀୟକାନ୍ତ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେବକର ବରିଷ୍ଠ କର୍ମକର୍ତ୍ତା ଦିଗାମ୍ବର ଉପାଧ୍ୟାୟ ପାୱାର ପଏଣ୍ଟ ମାଧ୍ୟମରେ ସେବକର ୨୦୨୧–୨୨ ଆର୍ଥିକ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଉପସ୍ଥାପନ କରିଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବରେ ଯୋଗଦାନ କରି ସେବକର ଉପଦେଷ୍ଟା ଜ୍ଞାନରଞ୍ଜନ ଷଡଙ୍ଗୀ ବିଭିନ୍ନ ସଙ୍ଗଠନ ସହିତ ସୁସମନ୍ୱୟ ରକ୍ଷା କରିବା ତଥା ଆସନ୍ତା ୧୪ ବର୍ଷ ନିମନ୍ତେ ଏକ ଭିଜନ ଡୋକ୍ୟୁମେଣ୍ଟ ପ୍ରସ୍ତୁତ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ସୁନୀଲ ପଟ୍ଟନାଏକ ଓ ଦିଲ୍ଲୀ ଏମ୍ବର ବିଜୟାନନ୍ଦ ନାଏକ ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ଗୋପବନ୍ଧୁ ଏକାଡେମୀର ସେଣ୍ଟର ଫର ଏକ୍ସସେଲେନ୍ସିର ନିର୍ଦ୍ଦେଶକ ଶଶାଙ୍କ ଗ୍ରହାଚାର୍ଯ୍ୟ ଯୋଗଦାନ କରିଥିଲେ। ସେବକର ଅଧ୍ୟକ୍ଷ ଅମିୟକାନ୍ତ ନାଏକ ଅନୁଷ୍ଠାନର ସଂଘର୍ଷ, ମୂଲ୍ୟବୋଧ, ଅନୁଭୂତି ତଥା ଭବିଷ୍ୟତ ଯୋଜନା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସେବକର ୨୦୨୧–୨୨ବର୍ଷ ନିମନ୍ତେ ବାର୍ଷିକ ବିବରଣୀ ପୁସ୍ତିକାର ଉନ୍ମୋଚନ କରାଯାଇଥିଲା। ସେବକର ବରିଷ୍ଠ ସଭ୍ୟ ଅନିଲ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିମାନଙ୍କ ଦ୍ୱାରା ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚନ କରାଯାଉଛି।

# ସପ୍ତମ ବେତନ ଅସଙ୍ଗତିକୁ ନେଇ ବଢୁଛି ଅସନ୍ତୋଷ

**ସୁନ୍ଦରଗଡ଼, ୧୬।୫ (ଡି.ଏନ୍.ଏ.)**

ସପ୍ତମ ବେତନ କମିଶନଙ୍କ ଅନୁମୋଦନ କ୍ରମେ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ସପ୍ତମ ବେତନ ପ୍ରଦାନ ନିମନ୍ତେ ଗତ ଜାନୁଆରୀ ୧୧ରୁ ରାଜ୍ୟ ସରକାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ସତ୍ତ୍ୱେ ଦୀର୍ଘ ୫ ମାସ ପରେ ଯେଉଁ ଚଞ୍ଚକତାପୂର୍ଣ୍ଣ ବେତନ ସାରଣୀ ପ୍ରକାଶ ପାଇଛି, ସେ ନେଇ ସମଗ୍ର ଶିକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ଶିକ୍ଷକ ମହାସଂଘର ବିରୋଧ ଡାକରାକୁ ନୈତିକ ସମର୍ଥନ ଜଣାଇବା ସହିତ ରାଜ୍ୟ ସରକାରଙ୍କ ଏଭଳି ବୈମାତୃକ ନିଷ୍ପତ୍ତି ପ୍ରତି ଗଭୀର କ୍ଷୋଭ ପ୍ରକାଶ ପାଇଛି। ସୁନ୍ଦରଗଡ଼ ଜିଲା ଓଷ୍ଟା ଶାଖା ସଭାପତି ବିଭୀଷଣ ବାରିକ, ସମ୍ପାଦକ ସନ୍ତୋଷ କୁମାର ନାୟକ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମାକାନ୍ତ ମଲ୍ଲିକ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି ଯେ, ଗତ ଫେବୃଆରୀରୁ ଜିଲାର ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ଶିକ୍ଷକ ଓ କର୍ମଚାରୀମାନେ ବେତନ ନ ପାଇବା ଫଳରେ ସେମାନଙ୍କର ପରିବାରବର୍ଗ ବିଶେଷ ଆର୍ଥିକ ଅନଟନର ସମ୍ମୁଖୀନ ହୋଇ କଷ୍ଟରେ ଚଳୁଥିବା ନେଇ ଦୁଃଖ ପ୍ରକାଶ କରିଛନ୍ତି। ସପ୍ତମ ବେତନ ପ୍ରଦାନ କ୍ଷେତ୍ରରେ ଥିବା ଅନିୟମିତତା ତଥା ରାଜ୍ୟ ସରକାରଙ୍କ କାଳକ୍ଷେପଣ ନୀତିକୁ ସମାଲୋଚନା କରିବା ସହ ଶତପ୍ରତିଶତ ଅନୁଦାନ ପାଉ ନ ଥିବା ବିଦ୍ୟାଳୟଗୁଡିକୁ ମଧ୍ୟ ଏହି ସପ୍ତମ ବେତନ ପ୍ରଦାନ କ୍ଷେତ୍ରରେ ଥିବା ଅସଙ୍ଗତିକୁ ଦୂର କରିବା କରିବା ସହ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ କର୍ମଚାରୀଙ୍କୁ ପ୍ରଦାନ କରାଯାଉଥିବା ସପ୍ତମ ବେତନ ଆଧାରରେ ବେତନ ପ୍ରଦାନ ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ଦାବି କରାଯାଇଛି।

# ଗଛ ଭାଙ୍ଗିଲା, ଛପର ଉଡ଼ାଇ ନେଲା: ବିଦ୍ୟୁତ୍ ଯୋଗାଣ ବନ୍ଦ

**ଝାରସୁଗୁଡ଼ା ଜିଲାରେ କାଳବୈଶାଖୀ ତାଣ୍ଡବରେ ବ୍ୟାପକ କ୍ଷୟକ୍ଷତି**

**ଝାରସୁଗୁଡା ଅଫିସ, ୧୬।୫**

ଝାରସୁଗୁଡା ଜିଲାରେ ରବିବାର ରାତିରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା। ଏଥିମଧ୍ୟରେ ପ୍ରବଳ ଝଡତୋଫାନ ସାଙ୍ଗକୁ ଘଡଘଡି, ବର୍ଷା ହୋଇଥିଲା। ଏଥିରେ ଅନେକ ସ୍ଥାନରେ ଗଛଡାଳପଡ଼ି ରାସ୍ତା ଅବରୋଧ ହୋଇଥିଲା। ବହୁଘରର ଛାତ ଉଡାଇ ଦେଇଛି। ଗଛଡାଳ ପଡି ଅନେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗିବା ସହ ତାର ଛିଡିବା ଫଳରେ ୨ଦିନ ହେଲାଣି ଲଖନପୁର ବ୍ଲକ୍ ଅଞ୍ଚଳର କେତେକ ଗ୍ରାମ ଅନ୍ଧାରରେ ରହିଛି। ଘରର ଛାତ ଉଡାଇ ଦେବା ଫଳରେ ବହୁପରିବାର ୨ଦିନ ହେଲାଣି ଖୋଲା ଆକାଶତଳେ ପଡ଼ିରହିଛନ୍ତି।







ଘରର ଛପର ଉଡିଯାଇଛି। ଗଛଡାଳ ପଡି ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଥିବାବେଳେ ତାର ଛିଡ଼ିଯାଇଛି। ଗଛଡାଳପଡି ରାସ୍ତା ଅବରୋଧ ହୋଇଛି।

# ସଫେଇ କର୍ମଚାରୀଙ୍କ କାମ ବନ୍ଦ ଆନ୍ଦୋଳନ

**ବ୍ରଜରାଜନଗର, ୧୬।୫(ଡି.ଏନ୍.ଏ.)**

- ବ୍ରଜରାଜନଗର ସହରର ଚାରିଆଡ଼େ ଗଦା ହେଲା ମଇଳା
- ଦରମା ମିଳିବାର ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌରାଞ୍ଚଳରେ ଥିବା ୨୩ଟି ୱାର୍ଡରେ ସୋମବାର ସଫେଇ କର୍ମଚାରୀଙ୍କ କାମବନ୍ଦ ଆନ୍ଦୋଳନ ଯୋଗୁ କୁଢ଼କୁଢ଼ ଅଳିଆ ଆବର୍ଜନା ଗଦାହୋଇ ପଡ଼ିରହିଥିଲା। ସକାଳେ ଠିକାଦାର ଦେବାର୍ଚ୍ଚନ ସାହୁ ଅନୁରୋଧ କରିଥିଲେ ମଧ୍ୟ ସଫେଇ କର୍ମଚାରୀମାନେ ତାଙ୍କର କୌଣସି କଥା ଶୁଣି ନ ଥିଲେ। ରବିବାର ବ୍ରଜରାଜନଗର ଅଞ୍ଚଳରେ କାଳବୈଶାଖୀ ସହ ବର୍ଷା ହୋଇଥିଲା। ଫଳରେ ଅନେକ ଜାଗାରେ ଗଛପଡ଼ି ରାସ୍ତା ଅବରୋଧ ହୋଇ ଲୋକଙ୍କର ଯାତାୟତରେ ବାଧାସୃଷ୍ଟି ହୋଇଥିଲା। ଏହାର ସୁଯୋଗ ନେଇ ଦରମା ଠିକ୍ ସମୟରେ ପାଉ ନ ଥିବାର ବାହାନା ଦେଖାଇ ସଫେଇ କର୍ମଚାରୀମାନେ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ସକାଳେ ଏକତ୍ରିତ ହୋଇ କାମବନ୍ଦ କରିଦେଇଥିଲେ। ଘଟଣାସ୍ଥଳରେ ଠିକାଦାର ପହଞ୍ଚି ବୁଝାଇବାକୁ ଚେଷ୍ଟାକରି ବିଫଳ ହୋଇଥିଲେ। କର୍ମଚାରୀମାନଙ୍କ ଅଭିଯୋଗ ହେଲା ଠିକାଦାର ଠିକ୍ ସମୟରେ ମାସିକ ଦରମା ଦେଉନାହାନ୍ତି। ଫଳରେ ପରିବାର ଚଳାଇବାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ପ୍ରତ୍ୟେକ ମାସର ୧୦ତାରିଖ ମଧ୍ୟରେ ଦରମା ଦେବାର ନିର୍ଭର ପ୍ରତିଶ୍ରୁତି ମିଳିଲେ କାମ କରିବେ ବୋଲି କହିଥିଲେ। ଚଳିତ ମାସର ଦରମା ୨୨ତାରିଖ ସୁଦ୍ଧା ପ୍ରଦାନ କରିବାର ପ୍ରତିଶ୍ରୁତି ଦେବା ସହିତ ଆଗାମୀ ମାସର ଦରମା ୧୦ରୁ ୧୫ତାରିଖ ମଧ୍ୟରେ ପ୍ରଦାନ କରିବେ ବୋଲି ଠିକାଦାର ପ୍ରକାଶ କରିବା ପରେ କର୍ମଚାରୀମାନେ ଆନ୍ଦୋଳନରୁ ଓହରି ଯାଇଥିଲେ। ଘଟଣା ସମ୍ପର୍କରେ ଠିକାଦାର ଦେବାର୍ଚ୍ଚନ ସାହୁଙ୍କୁ ପଚାରିବାରେ ମାସିକ ୨୦ଲକ୍ଷ ଟଙ୍କା ଆବଶ୍ୟକ ପଡୁଛି। ପୌରପାଳିକା ପେମେଣ୍ଟ ଦେଲାବେଳକୁ ୨୫ରୁ ୩୦ତାରିଖ ହେଉଛି। ତେଣୁ କର୍ମଚାରୀଙ୍କୁ ନିର୍ଦ୍ଧାରିତ ତାରିଖରେ ଦରମା ଦେବା ସମ୍ଭବ ହେଉନାହିଁ। ତେବେ ଆଗାମୀ ମାସଠାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଦରମା ପ୍ରଦାନ କରିବାକୁ ଚେଷ୍ଟା କରିବୁ ବୋଲି ପ୍ରକାଶ କରିଥିଲେ। ତେବେ ଘଟଣା ସମ୍ପର୍କରେ ପୌରନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ଥିବା ପ୍ରକାଶ କରିଥିଲେ। ପୌର ନିର୍ବାଚନ ଏବେ ସରିଛି। ନୂତନ ପୌରାଧ୍ୟକ୍ଷ ବିଲ୍‌ରେ ଦସ୍ତଖତ କରିବାରେ ବିଳମ୍ବ ହୋଇଛି। ସଫେଇ କର୍ମଚାରୀ ସାମାନ୍ୟ ଘଟଣାକୁ ନେଇ କାମବନ୍ଦ କରିବା ଗ୍ରହଣଯୋଗ୍ୟ ନୁହେଁ ବୋଲି ପ୍ରକାଶ କରିଥିଲେ।



ବ୍ରଜରାଜନଗର ପୌରାଞ୍ଚଳରେ ଅଳିଆ ଆବର୍ଜନା ପଡ଼ିରହିଛି।

